ଧରିତ୍ରୀ
DHARITRI
December 18-24, 2022 ₹ 2/-

# ଛୁଟିଦିନ



# କାଠ ବୋଲି ପ୍ରସିଦ୍ଧ

ପ୍ରଚ୍ଛଦ ପ୍ରସଙ୍ଗ

୩

କାଠରେ ନିର୍ମିତ କିନ୍ତୁ ଶତାଧିକ ବର୍ଷ ହେବ ସମ୍ପୂର୍ଣ୍ଣ ସୁରକ୍ଷିତ। ଓଡ଼ିଶାରେ ରହିଛି ଏମିତି ମନ୍ଦିର, କୂପ ଓ ପର୍ଯ୍ୟଟନସ୍ଥଳୀ; ଯାହା ଏବେବି ଲୋକଙ୍କୁ ଚକିତ କରେ...



# କେଉଁଠି ଲଗାଇବେ ପିତୃପୁରୁଷଙ୍କ ଫଟୋ

ପରିବାରରେ କୌଣସି ବୟୋଜ୍ୟେଷ୍ଠଙ୍କର ସ୍ୱର୍ଗବାସ ହୋଇଗଲେ ତାଙ୍କ ସ୍ମୃତିରେ ଆମେ ଘରେ ତାଙ୍କର ଏକ ଫଟୋ ଲଗାଇ ତାହାକୁ ପୂଜା କରିଥାଉ। ଏହାଦ୍ୱାରା ଆମକୁ ତାଙ୍କର ଆଶୀର୍ବାଦ ମିଳିଥାଏ ବୋଲି ବିଶ୍ୱାସ ରହିଛି। କିନ୍ତୁ ଜାଣନ୍ତି କି ବାସ୍ତୁଶାସ୍ତ୍ର ଅନୁଯାୟୀ, ପିତୃପୁରୁଷଙ୍କର ଫଟୋକୁ ଘରେ କେଉଁ ସ୍ଥାନରେ ଲଗାଇବା ଠିକ୍ ହେବ। ଜାଣନ୍ତୁ ସେ ସମ୍ପର୍କରେ..

* ଅନେକ ଥର ଦେଖିବାକୁ ମିଳେ, କିଛି ଲୋକ ପିତୃପୁରୁଷଙ୍କର ଫଟୋକୁ ନେଇ ଠାକୁର ଘରେ ରଖି ପୂଜା କରିଥାନ୍ତି। କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ଠାକୁର ଘରେ ପିତୃପୁରୁଷଙ୍କ ଫଟୋ ରଖି ପୂଜା କରିବା ଆଦୌ ଶୁଭଙ୍କର ନୁହେଁ। ଏହାଦ୍ୱାରା ଘରେ ଅନେକ ସମସ୍ୟା ଉପୁଜିଥାଏ ବୋଲି ବିଶ୍ୱାସ ରହିଛି।

* ଘରର ଉତ୍ତର ଏବଂ ପୂର୍ବ ଦିଗ ଯେହେତୁ ଦେବଦେବୀଙ୍କର ରହିବା ସ୍ଥାନ ହୋଇଥାଏ, ତେଣୁ




ଏହି ଦୁଇ ଦିଗରେ ପିତୃପୁରୁଷଙ୍କ ଫଟୋ ଲଗାଇବା ମଧ୍ୟ ଉଚିତ ନୁହେଁ। ଅନ୍ୟପକ୍ଷେ ଆପଣ ଚାହିଁଲେ ଦକ୍ଷିଣ ଏବଂ ପଶ୍ଚିମ ଦିଗରେ ପିତୃପୁରୁଷଙ୍କର ଫଟୋ ଲଗାଇପାରିବେ।

* ସେହିପରି ଶୟନକକ୍ଷ ହେଉ ଅବା ରୋଷେଇ ଘର ଏପରି କି ଶିଡ଼ି ପାଖରେ ମଧ୍ୟ ପିତୃପୁରୁଷଙ୍କ ଫଟୋ ଲଗାଇବା ଠିକ୍ ନୁହେଁ। ଏହାଦ୍ୱାରା ଘରେ କଳହ ବଢ଼ିପାରେ ବୋଲି ବିଶ୍ୱାସ କରାଯାଏ। ଅନ୍ୟପକ୍ଷେ ଘରର ଠିକ୍ ମଧ୍ୟବର୍ତ୍ତୀ ସ୍ଥାନ, ଏପରି କି ବେଶି ଚଳପ୍ରଚଳ ହେଉଥିବା ସ୍ଥାନରେ ବି ଏହି ଫଟୋ ଲଗାଇବା ଉଚିତ ହେବ ନାହିଁ। ଏହାଦ୍ୱାରା ବାହାର ଲୋକଙ୍କ ନଜର ବାରମ୍ବାର ପିତୃପୁରୁଷଙ୍କ ଫଟୋ ଉପରେ ପଡିବ ; ଯଦ୍ଦ୍ୱାରା ଘରର ମାନ ସମ୍ମାନ ହାନି ହେବ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧୮-୨୪

**ମେଷ**
ବ୍ୟକ୍ତିତ୍ୱର ପରିପ୍ରକାଶ, ନୈତିକତାର ପ୍ରଶଂସା, ଦକ୍ଷତାର ଅଭିବୃଦ୍ଧି, ଅର୍ଥର ପ୍ରାଚୁର୍ଯ୍ୟ, ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାର୍ତ୍ତାଳାପ, ଅସୁବିଧା ଦୂର ହେବ, ବନ୍ଧୁଙ୍କ ସମାଲୋଚନା, ମନ ଭାରାକ୍ରାନ୍ତ ରହିବ, ଗୁପ୍ତମନ୍ତ୍ରଣା ଦେବେ ॥

**ବୃଷ**
ବନ୍ଧୁଙ୍କ ନୂତନ ଦିଗ୍‌ଦର୍ଶନ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ଉପରିସ୍ଥଙ୍କ ଶ୍ରଦ୍ଧାଭାଜନ, ଯାତ୍ରାରେ ପ୍ରତିବନ୍ଧକ, ନିୟନ୍ତ୍ରଣ ମଧ୍ୟରେ ରହିବେ, ଆଦର୍ଶବାଦୀ ହେବେ, ପ୍ରଶଂସା ପାଇବେ, ଶତ୍ରୁତାର ବିନାଶ, ପ୍ରତିଦ୍ୱନ୍ଦ୍ୱିତାରେ ଅପଦସ୍ତ ହେବେ।।

**ମିଥୁନ**
ମନୋବଳ ବୃଦ୍ଧି, ପ୍ରତିଯୋଗିତାରେ ସଫଳତା, ଆର୍ଥିକ ଉନ୍ନତି, ଜମିଜମା କ୍ରୟବିକ୍ରୟ, ଅଦାଲତରେ ବାଇଦା, ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ, ମିଥ୍ୟାଭିଯୋଗ, ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ ॥

**କର୍କଟ**
ମାନସିକ ଦ୍ୱନ୍ଦ୍ୱ, ପଡୋଶୀଙ୍କୁ ଆପଣେଇବେ, ନୂତନ ମିତ୍ରତା, ସାଂଗଠନିକ ସମର୍ଥନ, ଅନୁକୂଳ ବାତାବରଣ, ନୂତନ ଯୋଜନାରମ୍ଭ, କର୍ମପ୍ରବୀଣ ହେବେ, ପର୍ଯ୍ୟଟନର ସୁଯୋଗ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଭାସମିତିକୁ ନିମନ୍ତ୍ରଣ ॥

**ସିଂହ**
ସମସ୍ୟା ସମାଧାନ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ନିର୍ମାଣ କାର୍ଯ୍ୟ ଶେଷ ହେବ, ପରିବହନରୁ ଲାଭ, ମକଦ୍ଦମା ସପକ୍ଷରେ ଯିବ, ବ୍ୟୟବୃଦ୍ଧିର ଅନୁଚିନ୍ତା, ବନ୍ଧୁଙ୍କ ଦ୍ୱାରସ୍ଥ ହେବେ, ପ୍ଲଟିଙ୍ଗ କାରବାରରେ ଉନ୍ନତି, ପ୍ରତିରୋଧର ସାମନା, ସହକର୍ମୀଙ୍କ ଦୌରାତ୍ମ୍ୟ ॥

**କନ୍ୟା**
ଶାରୀରିକ ସୁସ୍ଥତା, ଅର୍ଥସଂକଟ ଦୂରହେବ, ଉନ୍ନତ ଚିନ୍ତା, ଉଦାର ଭାବନା, ତ୍ୟାଗପୂତ ମନୋଭାବ, ପ୍ରଶାସନିକ ଅସ୍ଥିରତା, ସେବା ମନୋବୃତ୍ତିରୁ ପ୍ରଶଂସା, ଚୁକ୍ତିପତ୍ର ସମ୍ପାଦନ, ଅପ୍ରିୟ ସତ୍ୟପ୍ରକାଶରୁ କଳହ ॥

**ତୁଳା**
ମାନସିକ ସୁସ୍ଥତା, ବନ୍ଧୁଙ୍କ ସାହାଯ୍ୟ, ସ୍ୱଜନ ସମର୍ଥନ, ଆଶ୍ୱସ୍ତି ଅନୁଭବ କରିବେ, ଯାନ୍ତ୍ରିକ ତ୍ରୁଟି ଘଟିବ, ଯାତ୍ରାରେ ବିଳମ୍ବ, ସ୍ଥଗିତ କର୍ମାରମ୍ଭ, ମୂଲ୍ୟବାନ୍ ଜିନିଷ କ୍ରୟ, ରାଜନୈତିକ ପୃଷ୍ଠପୋଷକତା, ପାରିବାରିକ ଶାନ୍ତି ॥

**ବିଛା**
ଉଦାସୀନ ରହିବେ, ବନ୍ଧୁଙ୍କ ପ୍ରତାରଣା, କାମଟି ବିଳମ୍ବରେ ହେବ, ସହକର୍ମୀଙ୍କ ଅସହଯୋଗ, ପଡୋଶୀଙ୍କ ଭର୍ତ୍ସନା, ଫଳପ୍ରଦ ଆଲୋଚନା, ଭ୍ରାତୃସମ୍ପର୍କରେ ଉନ୍ନତି, ସନ୍ତାନଙ୍କ ସମସ୍ୟା, ରୋଗପୀଡା କମିବ, ସ୍ଥାନାନ୍ତରେ ହେବେ ॥

**ଧନୁ**
ଅନୁକୂଳ ପରିବେଶ, ଯୋଜନା କାର୍ଯ୍ୟକାରୀ ହେବ, ଯାନ୍ତ୍ରିକ ଜିନିଷକ୍ରୟ, କଳକାରଖାନାରେ ବିବାଦ, ପାରିବାରିକ ବିତର୍କ, ଋଣଗ୍ରସ୍ତ ହୋଇପାରନ୍ତି, ସାମାଜିକ ସମ୍ମାନ, ନିଜସ୍ୱ ଚିନ୍ତାଧାରାରୁ ଉପକାର, ସ୍ୱାସ୍ଥ୍ୟଠିକ୍ ରହିବ।।

**ମକର**
ପାରିବାରିକ ଅସ୍ଥିରତା, ବ୍ୟୟବହୁଳ ଜୀବନ, ସଂଘର୍ଷମୟ ପରିସ୍ଥିତି, ବନ୍ଧୁବର୍ଗଙ୍କ ହସ୍ତକ୍ଷେପ, ନିଜକୁ ନ୍ୟୁନ ମନେ କରିବେ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଅଧସ୍ତନ କର୍ମଚାରୀଙ୍କ ସାହାଯ୍ୟ ॥

**କୁମ୍ଭ**
ସମସ୍ୟା ପ୍ରତିହତ ହେବ, ଆଗକୁ ମାଡି ଚାଲିବେ, ସମ୍ପର୍କରେ ଉନ୍ନତି, ପରୋକ୍ଷ ଶତ୍ରୁତା, ଆର୍ଥିକ ପ୍ରଗତି, ନୂତନ ଗୃହନିର୍ମାଣ, ବ୍ୟବସାୟିକ ଉତ୍କର୍ଷ, ସରକାରୀ ସହାୟତା, ଅନୁସନ୍ଧାନରେ ସଫଳତା, ରଚନାତ୍ମକ କାର୍ଯ୍ୟାରମ୍ଭ ॥

**ମୀନ**
ବିବାଦୀୟ ପରିବେଶ, ସଂକଟଜନକ ପରିସ୍ଥିତି, ନିଜ ଲୋକଙ୍କ ବିରୋଧ, ବେପରୁଆ ଗାଡି ଚାଳନାରୁ ସମସ୍ୟା, ଜମିଜମା ସୀମାବିବାଦ, ଭୁଲ କାମ କରିପାରନ୍ତି, ଗୁରୁଜନଙ୍କ ସାନ୍ତ୍ୱନା ବାଣୀ, ଭିଜିଲାନ୍ସ ସମସ୍ୟା, ଆଇନ ସହାୟତା ଲାଭ ॥

# ଭାଗ୍ୟ ବଦଳାଇବ ଗୋଲାପ ଫୁଲ



ଫୁଲର ସୌନ୍ଦର୍ଯ୍ୟ କାହାକୁ ବା ଆକର୍ଷିତ ନ କରେ। ବିଶେଷକରି ଗୋଲାପ ଫୁଲ, ଯାହାକୁ କି ସ୍ନେହ ଓ ପ୍ରେମର ପ୍ରତୀକ ବୋଲି କୁହାଯାଏ। ଏହି ଫୁଲ କେବଳ ସୁନ୍ଦର ଲାଗେ ତାହା ନୁହେଁ, ବାସ୍ତୁଶାସ୍ତ୍ର ଅନୁଯାୟୀ ଏହି ଫୁଲ ସୁଖସମୃଦ୍ଧି ବୃଦ୍ଧି କରିବାରେ ବି ବିଶେଷ ସହାୟକ ହୋଇଥାଏ। ଯଥା: ଘରେ ଯଦି ଅଭାବ ଲାଗି ରହୁଥାଏ, ତା'ହେଲେ ପ୍ରତିଦିନ ସନ୍ଧ୍ୟା ଦେବା ସମୟରେ ଗୋଟିଏ ଗୋଲାପ ଫୁଲ ଉପରେ କର୍ପୂର ରଖି ଜଳାଇ ସାରିବା ପରେ ସେହି ଫୁଲକୁ ମା' ଭଗବତୀଙ୍କୁ ଅର୍ପଣ କଲେ ଧୀରେ ଧୀରେ ଆର୍ଥିକ ସମସ୍ୟା ଠିକ୍ ହୋଇଯାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ ପ୍ରତି ଶୁକ୍ରବାର ଦିନ ପାନପତ୍ରରେ ପାଞ୍ଚଟି ଗୋଲାପ ଫୁଲର ପାଖୁଡ଼ା ରଖି ମା'ଦୁର୍ଗାଙ୍କୁ ଅର୍ପଣ କଲେ ଶୁଭଫଳ ପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ଅଛି। ସେହିପରି କୁହାଯାଏ, ଘରର ଦକ୍ଷିଣ-ପଶ୍ଚିମ କୋଣରେ ଯଦି ପ୍ରତିଦିନ କିଛି ସତେଜ ନାଲି ଗୋଲାପ ଫୁଲକୁ ଫୁଲଦାନୀରେ ରଖି ଘର ସଜାଯାଏ ତା'ହେଲେ ଘରେ ସକାରାତ୍ମକ ଉର୍ଜା ବୃଦ୍ଧି ପାଇଥାଏ। କେବଳ ଗୋଲାପ ଫୁଲ କାହିଁକି ଘରର ଦକ୍ଷିଣ ଦିଗରେ ଗୋଲାପ ଗଛ ଲଗାଇବା ମଧ୍ୟ ଘର ପାଇଁ ଶୁଭ ହୋଇଥାଏ।

## ପାଠକୀୟ

* ବଦଳିଯାଏ ନାଁ। ବଦଳିଯାଏ ପରିଚୟ। ଦେଶରକ୍ଷା ପାଇଁ ଶତ୍ରୁଙ୍କ ଗହଣରେ ରହି ଶତ୍ରୁଙ୍କ ଗୁପ୍ତତଥ୍ୟକୁ ଗୁପ୍ତଭାବେ ନିଜ ଦେଶକୁ ପଠାନ୍ତି। କେବେ ଏଥିରେ ଜୀବନ ଚାଲିଯାଏ ତ କେବେ ଧରାପଡିଗଲେ ଜେଲ୍‌ର ଚାରିକାନ୍ଥ ଭିତରେ ପାଆନ୍ତି ଅକଥନୀୟ ନିର୍ଯାତନା। ତଥାପି ଦେଶର ସ୍ୱାର୍ଥ ଓ ଦେଶବାସୀଙ୍କ ପାଇଁ ସେମାନେ ସବୁକିଛିକୁ ମୁଣ୍ଡପାତି ସହିଯାଆନ୍ତି। ଏଭଳି ଏକ ସମ୍ବେଦନଶୀଳ ବିଷୟକୁ ନେଇ ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଗୁପ୍ତଚର'ଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। 'ପଢାରେ ମନ ଲାଗୁ ନ ଥିଲେ', 'ସୌଭାଗ୍ୟ ଆଣୁଥିବା ଗଛ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସୁନୀଲ କୁମାର ରଥ, କଲେଜ ଛକ, ପୁରୀ*

* ଏଥର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଗୁପ୍ତଚର' ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଚିତ୍ରଶିଳ୍ପୀ ଅସିତ୍ ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପ୍ରେମ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। 'କୂଅ', 'ଆପେକ୍ଷିକ' ଶୀର୍ଷକ କବିତା ଦୁଇଟି ବି ହୃଦୟସ୍ପର୍ଶୀ ଥିଲା।

*– ଐଶ୍ୱର୍ଯ୍ୟା ଦାଶ, ପୋଖରୀପୁଟ, ଭୁବନେଶ୍ୱର*

* ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'କିଆରା ଯାହା ଭାବିଥିଲେ', 'ଟେନ୍‌ସନ୍‌ରେ ୟାମି', 'ଭୂମିଙ୍କ ଖୁସି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା। ସାହିତ୍ୟିକା ତଥା ଅଧ୍ୟାପିକା ପଦ୍ମାଳୟା ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତି ଯେତିକି ମନଛୁଆଁ ଥିଲା ସେତିକି ପ୍ରେରଣାଦାୟକ ମଧ୍ୟ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ରୋମାଣ୍ଟିକ୍ ଥିଲା।

*– ଶାନ୍ତି ସୁପ୍ରିୟା ଷଡଙ୍ଗୀ, ମୟୂରଭଞ୍ଜ*

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ସ୍ୱେଟର୍ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଭୂମିକା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଳିଆ ଲାଗୁଥିଲା। ଅନ୍ୟପକ୍ଷେ ସହର ପୃଷ୍ଠାରୁ 'ପୁଣ୍ୟଭୂମି ଦ୍ୱାରକା' ସମ୍ପର୍କରେ ବହୁ ନୂଆ ନୂଆ ତଥ୍ୟ ଜାଣିହେଲା।

*– ସଞ୍ଜୟ କାଣ୍ଡି, ରାଜନଗର, କେନ୍ଦ୍ରାପଡ଼ା*

* ବିବିଧା ପୃଷ୍ଠାରେ ସ୍ଥାନିତ 'ବେଲୁନ୍' ଶୀର୍ଷକ ଲେଖାରୁ ବହୁ ଅଜଣା କଥା ଜାଣିହେଲା। 'ରୋବୋ ଶାର୍ପ ଶୁଟର୍', 'ଭୋକ୍ସୱାଗନ୍ ଚେୟାର୍', 'ଏତେ ଜୀବନ୍ତ', 'ଆଲମାରୀରେ ରଖିଛନ୍ତି ହାର୍ଟ ଓ ଲିଭର୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ମନଛୁଆଁ ଥିଲା, ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। ଅନ୍ୟପକ୍ଷେ ଏଥରର ବ୍ୟଙ୍ଗ 'ସାହିତ୍ୟକୁ ଶନି ଦିଶା' ଏକ ପ୍ରେରଣାଦାୟୀ ବିଷୟ ଥିଲା।

*– ସରୋଜ ବଳ, ରାଜା ବଜାର, ଖୋର୍ଦ୍ଧା*

## ବିଶେଷ ଚିଠି





ଗୁପ୍ତଚର
ଥିଲା ଏଥରର ପ୍ରଚ୍ଛଦ,
ହୋଇଥିଲା ମନୋରମ ସିଏ
ଦେଉଥିଲା ଅଶେଷ ଆନନ୍ଦ।
ସିନେମା ବି ଲାଗୁଥିଲା ଚମତ୍କାର
ସାଥୀର ଉତ୍ତର ପୁଣି
ମନରେ ଟାଣୁଥିଲା ପ୍ରେମର ଗାର।
ସେଥିପାଇଁ ହେ ଛୁଟିଦିନ
ତୁମକୁ ଝୁରୁଥାଏ ମୁହିଁ ନିତିଦିନ
ପାଇବାକୁ ନିକଟରେ ସବୁଦିନ।

*–ମମତା ମହାନ୍ତି, ଖଣ୍ଡଗିରି, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795





**କାଠରେ ନିର୍ମିତ କିନ୍ତୁ ଶତାଧିକ ବର୍ଷ ହେବ ସମ୍ପୂର୍ଣ୍ଣ ସୁରକ୍ଷିତ ଓଡ଼ିଶାରେ ରହିଛି ଏମିତି ମନ୍ଦିର, କୂପ ଓ ପର୍ଯ୍ୟଟନସ୍ଥଳୀ; ଯାହା ଏବେବି ଲୋକଙ୍କୁ ଚକିତ କରେ...**

# କାଠ ବୋଲି ପ୍ରସିଦ୍ଧ



କଳା ଭାସ୍କର୍ଯ୍ୟର ରାଜ୍ୟ ଓଡ଼ିଶା, ଯାହା ତା'ର କଳା କାରିଗରି ପାଇଁ ସାରା ବିଶ୍ୱରେ ବିଖ୍ୟାତ। ଏହାରି ଭିତରେ ଆସେ ଚିତ୍ରକଳା, ପଥର କାରିଗରି, ବାଲୁକା ଶିଳ୍ପ, ପଟ୍ଟଚିତ୍ର ଇତ୍ୟାଦି। ତେବେ ଏସବୁକୁ ବାଦ୍ ଦେଲେ ଓଡ଼ିଶାର ଏକ ପୁରାତନ କଳା କାରିଗରି ହେଉଛି କାଠ କାରିଗରି। ଏହା ଓଡ଼ିଶାର ବିଭିନ୍ନ ମନ୍ଦିରଠାରୁ ଆରମ୍ଭ କରି ପ୍ରତି ଘରେ ଘରେ ଦେଖିବାକୁ ମିଳେ। କିନ୍ତୁ ସମ୍ପୂର୍ଣ୍ଣ କାଠରେ ନିର୍ମିତ କୌଣସି ମନ୍ଦିର ବା ପର୍ଯ୍ୟଟନସ୍ଥଳ ବହୁତ କ୍ୱଚିତ ଦେଖିବାକୁ ମିଳେ। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଶତାଧିକ ବର୍ଷ ହେବ ଏହା ନିର୍ମିତ ହୋଇଥିଲେ ହେଁ ଏବେବି ଏହା ସୁରକ୍ଷିତ ରହିଛି।

**କାଷ୍ଠ କୋଣାର୍କ:** ପ୍ରସ୍ତର କାରୁକାର୍ଯ୍ୟରେ ନିର୍ମିତ କୋଣାର୍କର ସୂର୍ଯ୍ୟମନ୍ଦିର (ଅର୍କକ୍ଷେତ୍ର) ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ବେଳେ ବୁଗୁଡ଼ାରେ ଥିବା ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିର ମଧ ଓଡ଼ିଶାର ଦ୍ୱିତୀୟ ଅର୍କକ୍ଷେତ୍ର ରୂପେ ପରିଚିତ। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ପଶ୍ଚିମ ଦିଗରୁ ୨୯ କିଲୋମିଟର ଦୂର ବୁଗୁଡ଼ା ବଡ଼ଦାଣ୍ଡରେ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିର ଅବସ୍ଥିତ। ଏଠାରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ସୂର୍ଯ୍ୟ ଦେବତା ପୂଜା ପାଉଛନ୍ତି, ଯାହାଙ୍କୁ ଶ୍ରୀ ବିରଞ୍ଚି ନାରାୟଣ ବୋଲି କୁହାଯାଉଛି। ଏହି ମନ୍ଦିର ଘୁମୁସରର ଭଞ୍ଜବଂଶୀୟ ରାଜା ଶ୍ରୀକର ଭଞ୍ଜଙ୍କ ଦ୍ୱାରା ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା। ସେ ସମୟରେ ମନ୍ଦିରରେ ବିରଞ୍ଚି ନାରାୟଣଙ୍କ ଦାରୁ, ଶିଳା ଓ ଧାତୁର ୩ଟି ମୂର୍ତ୍ତି କେବଳ ପୂଜା ପାଇଆସୁଥିଲେ। ପରେ ତତ୍‌କାଳୀନ ଆସିକା ସହର ନିକଟବର୍ତ୍ତୀ ମାଳତୀଗଡ଼ର ଇଷ୍ଟଦେବୀ ମା' ରତ୍ନେଶ୍ୱରୀଙ୍କ ସ୍ୱପ୍ନାଦେଶ ପାଇ ରାଜା ଶ୍ରୀକର ଭଞ୍ଜ ମାଳତୀ ପର୍ବତରେ ଅପୂଜା ହୋଇ ପଡ଼ିଥିବା ୬ ଫୁଟ ଲମ୍ବବିଶିଷ୍ଟ ଦଣ୍ଡାୟମାନ ପ୍ରସ୍ତରନିର୍ମିତ ମୂର୍ତ୍ତିକୁ ଆଣି ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ୧୮୨୨ ଖ୍ରୀଷ୍ଟାବ୍ଦରେ ଭାଦ୍ରବ କୃଷ୍ଣ ଦଶମୀ ତିଥିରେ ସ୍ଥାପନ କଲେ। ଏହା ଦେଖିବାକୁ ଠିକ୍ କୋଣାର୍କରେ ଥିବା ସୂର୍ଯ୍ୟମୂର୍ତ୍ତି ପରି। ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ସ୍ଥାପିତ ସୂର୍ଯ୍ୟମୂର୍ତ୍ତି କଳାମୁଗୁନି ପଥରର ୬ ଫୁଟ ଉଚ୍ଚତାବିଶିଷ୍ଟ ଦଣ୍ଡାୟମାନ ମୂର୍ତ୍ତି। ବିରଞ୍ଚି ନାରାୟଣଙ୍କ ମସ୍ତକରେ କିରୀଟ, ଦୁଇ କର୍ଣ୍ଣରେ କୁଣ୍ଡଳ, କନ୍ଧରେ ଯଜ୍ଞୋପବିତ, ଉଭୟ ବାହୁରେ ବାଜୁବନ୍ଧ, ହସ୍ତରେ କଙ୍କଣ, ଦେହରେ ସ୍ୱର୍ଣ୍ଣନିର୍ମିତ ଅଳଙ୍କାର ଖଚିତ ଭଳି ସୂକ୍ଷ୍ମ କାରୁକାର୍ଯ୍ୟରେ ତିଆରି। ଏଥିସହ ମୂର୍ତ୍ତିଙ୍କର କନ୍ଧର ଦୁଇପାର୍ଶ୍ୱରେ ସଦ୍ୟ ପ୍ରସ୍ଫୁଟିତ ପଦ୍ମଫୁଲ ଏବଂ ଦୁଇ ହାତରେ ୨ଟି ପଦ୍ମଫୁଲ ଶୋଭା ପାଇବା ସହ ମୂର୍ତ୍ତିର ଉପରି ଭାଗରେ ଅପ୍‌ସରାମାନେ ଦୁଇଟି ପୁଷ୍ପମାଲ୍ୟ ଧରି ଉଡ଼ୁଥିବାର ଦୃଶ୍ୟମାନ ହେଉଛି। ପ୍ରସ୍ତରନିର୍ମିତ ବିରଞ୍ଚି ନାରାୟଣ ଅର୍ଥାତ୍ ସୂର୍ଯ୍ୟ ଦେବତାଙ୍କୁ ଛାଡ଼ିଦେଲେ ମନ୍ଦିରର ନିମ୍ନାଂଶରେ ସାତୋଟି ଧାବମାନ ଅଶ୍ୱ ଓ ପୂର୍ବ ପାର୍ଶ୍ୱରେ ନିର୍ମିତ ଗୋଟିଏ ମାତ୍ର ଚକ। ଏହା ଠିକ୍ ସୂର୍ଯ୍ୟ ଦେବତାଙ୍କ ବିମାନ ଭଳି ପ୍ରତୀୟମାନ। ଏଠାରେ ୪୮ଟି ସ୍ତମ୍ଭ ଅଛି। ମନ୍ଦିରର ନିମ୍ନଭାଗ ପ୍ରସ୍ତରରେ ତିଆରି ହୋଇଥିବା ବେଳେ ଉପରି ଭାଗ ତାମ୍ର ଧାତୁପତ୍ର ଦ୍ୱାରା ଆଚ୍ଛାଦିତ। ମଝିରେ ମଝିରେ ପିତ୍ତଳରେ ନିର୍ମିତ କଣ୍ଟା ବ୍ୟବହାର କରାଯାଇଛି। ଗ୍ରୀଷ୍ମକାଳରେ ପ୍ରଚଣ୍ଡ ରୌଦ୍ରତାପ ଏହି ଛାତ ଉପରେ ପଡ଼ିବାରୁ ପକ୍ଷୀମାନେ କଷ୍ଟ ଭୋଗ କରିବା ଯୋଗୁ ତା ଉପରେ ଚୂନ ପ୍ରଲେପ ଦିଆଯାଇଛି। ମନ୍ଦିରର ନିମ୍ନାଂଶ ଓ ଛାତକୁ ଛାଡ଼ିଦେଲେ ଭିତର ଅଂଶସବୁ କାଷ୍ଠ କାରୁକାର୍ଯ୍ୟରେ ହୋଇଥିବା ଯୋଗୁ ଏହି ମନ୍ଦିରକୁ 'ଦ୍ୱିତୀୟ କୋଣାର୍କ' ବୋଲି କୁହାଯାଏ। ଇତିହାସ ପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କଠାରେ ଥିବା ସୂର୍ଯ୍ୟ ମନ୍ଦିର ଯେଭଳି ପ୍ରସ୍ତରରେ ନିର୍ମିତ ଠିକ୍ ସେହି ଶୈଳୀରେ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିର ନିର୍ମିତ। କିନ୍ତୁ ଏଥିରେ ସମ୍ପୂର୍ଣ୍ଣ କାଷ୍ଠ କାରୁକାର୍ଯ୍ୟ ହୋଇଥିବା ଯୋଗୁଁ ଏହାକୁ 'କାଷ୍ଠର କୋଣାର୍କ' ବୋଲି କୁହାଯାଏ। ସମସ୍ତ କାରୁକାର୍ଯ୍ୟ ଶାଳ, ତାଳ ଓ ଗମ୍ଭାରୀ କାଠରେ ନିର୍ମିତ। ମନ୍ଦିର ଭିତରେ ପୁରାଣ ବର୍ଣ୍ଣିତ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଜୀବନଲୀଳା, ରାମଙ୍କ ଜନ୍ମଠାରୁ ରାବଣ ବଧ, କୃଷ୍ଣଙ୍କ ଜନ୍ମଠାରୁ କଂସବଧ ପର୍ଯ୍ୟନ୍ତ ସମସ୍ତ କାହାଣୀ ଓ ଜୀବନୀ କାଷ୍ଠରେ ଖୋଦିତ। ମୁଖ୍ୟ ମଣ୍ଡପର ମଧ୍ୟଭାଗର ଉପରକୁ ବିଶାଳ 'କଖାରୁଆ' ଅଦ୍ଭୁତ ସୂଚୀ କାର୍ଯ୍ୟ କାଠରେ ନିର୍ମିତ। ସତେଯେପରି ଏହା ମଧ୍ୟରୁ ଶହ ଶହ ପୁଷ୍ପଗୁଚ୍ଛ ଝରିପଡ଼ୁଛି। ମଣ୍ଡପର ଦକ୍ଷିଣ ପାର୍ଶ୍ୱରେ ଦଶ ଦିଗପାଳ କାଷ୍ଠରେ ନିର୍ମିତ ହୋଇଥିବା ବେଳେ ନବଗ୍ରହ, ପଦ୍ମଧର, ଶଙ୍ଖଧର, ଦଶମହାବିଦ୍ୟା ମଧ କାଷ୍ଠରେ ତିଆରି ହୋଇ ଅତିବ ସୁନ୍ଦର ଦେଖାଯାଉଛି। ଏଥିସହ ଶ୍ରୀ ବିରଞ୍ଚି ନାରାୟଣଙ୍କ ସମ୍ମୁଖଦ୍ୱାର କବାଟର ଉପରି ଭାଗରେ ଅଷ୍ଟବସୁ, ଦଣ୍ଡ ପିଙ୍ଗଳ, ନବଗ୍ରହ ଓ ଦଶାବତାର କାଠରେ ତିଆରିହୋଇ ଅପରୂପ ସୌନ୍ଦର୍ଯ୍ୟ ବହନ କରୁଛି। ଏତଦ୍‌ବ୍ୟତୀତ ମନ୍ଦିରର ଉତ୍ତର ପାର୍ଶ୍ୱ ସମ୍ମୁଖ ପ୍ରାଚୀର ଦେହରେ କାଷ୍ଠରେ ତିଆରି କୃଷ୍ଣ-ବଳରାମ ଝରକା, ନିମ୍ନାଂଶରେ ଧେପୁପଲ, ଉଭୟ ପାର୍ଶ୍ୱରେ ସୁବଳ, ସଖା ଦଳ, ସୁଦାମ, ଅକ୍ରୂର, ଗଜଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି କାଠରେ ତିଆରି ହୋଇ ବିଚକ୍ଷଣ ଦେଖାଯାଉଛନ୍ତି। ମନ୍ଦିରର ଯେଉଁଆଡ଼େ ଦେଖିବ ସୂକ୍ଷ୍ମ କାରୁକାର୍ଯ୍ୟଗୁଡ଼ିକ ନିଖୁଣ ଭାବେ କାଷ୍ଠରେ ତିଆରି ହୋଇଥିବା ଦେଖି ଦର୍ଶକମାନେ ଆଶ୍ଚର୍ଯ୍ୟ ହୋଇଥାନ୍ତି। ୧୯୬୫ରୁ ଏହି କୀର୍ତ୍ତିଗୁଡ଼ିକୁ ରଙ୍ଗ ଦିଆଯାଇ ନ ଥିବା ମନ୍ଦିର ମଠାଧୀଶଙ୍କଠାରୁ ପ୍ରକାଶ। କାଷ୍ଠ କାରୁକାର୍ଯ୍ୟକୁ ଛାଡ଼ିଦେଲେ ମନ୍ଦିର ଚାରିପାଖ କାନ୍ଥରେ ନିର୍ମିତ ବିଭିନ୍ନ ତୈଳଚିତ୍ର ମଧ ବେଶ୍ ଆକର୍ଷଣୀୟ। ଏଥିରେ ଭଞ୍ଜବଂଶୀ ରାଜାମାନଙ୍କ ଫଟୋଚିତ୍ର, ବିଭିନ୍ନ ବୃକ୍ଷରାଜି, ରାମାୟଣ, ମହାଭାରତର କଥାଗୁଡ଼ିକ ତୈଳଚିତ୍ର ଆକାରରେ ଶୋଭାପାଉଥିବା ବେଳେ ପୁରୀ ଶ୍ରୀକ୍ଷେତ୍ର ଧାମର ତୈଳଚିତ୍ର ଏହି ମନ୍ଦିର କାନ୍ଥରେ ଚମତ୍କାର ଦେଖାଯାଉଛି। ରାଜା ଶ୍ରୀକର ଭଞ୍ଜ ମଞ୍ଜୁଷାଙ୍କ ଉଦ୍ୟମରେ ସେଠାରୁ ଚିତ୍ରଶିଳ୍ପୀ ଆଣି ମାସ ମାସ ଧରି ଏଠାରେ ରଖି ଏହି ତୈଳଚିତ୍ର ଅଙ୍କନ କରାଯାଇଥିବା କୁହାଯାଉଛି। ତେବେ ଏହି ତୈଳଚିତ୍ର ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ସ୍ପଷ୍ଟ ଦେଖାଯାଉନାହିଁ। ଏହାର ପୁନରୁଦ୍ଧାରର ଆବଶ୍ୟକତା ଜରୁରୀ ହୋପଡ଼ିଛି। ସେହିପରି ରାଜା ଶ୍ରୀକର ଭଞ୍ଜ ବୁଗୁଡ଼ା ନିକଟସ୍ଥ ବାଲିପଦର ଗ୍ରାମର ଯୋଗୀ ମହାରଣାଙ୍କ ପୂର୍ବ ବଂଶଧର ମାନଙ୍କୁ ଡକାଇ ଆଣି ଏହି କାଷ୍ଠ କାରୁକାର୍ଯ୍ୟରେ ନିୟୋଜିତ



କରିଥିବା ସ୍ୱର୍ଗତ ମହନ୍ତ ମହାରାଜଙ୍କଠାରୁ ଶୁଣାଯାଏ। ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀ ବିରଞ୍ଚି ନାରାୟଣଙ୍କ ବର୍ଷସାରା ପୂଜାପର୍ବ ହୋଇଥାଏ। ଏଠାରେ ଥିବା ଦାରୁ, ଶିଳା ଓ ଧାତୁ ବିଗ୍ରହ ମଧ ସଦା ପୂଜା ପାଉଛନ୍ତି। ମନ୍ଦିରର ପଛପଟେ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ଶାଳଗ୍ରାମ ଆଦି ବିଭିନ୍ନ ଠାକୁର ମଧ ପୂଜା ପାଉଛନ୍ତି। ବିଶେଷ ଭାବେ ଏଠାରେ ମାଘସପ୍ତମୀ, ଶାମ୍ବଦଶମୀ, କାର୍ତ୍ତିକ ପୂର୍ଣ୍ଣିମା ମହାଆଡ଼ମ୍ବରରେ ପାଳିତ ହୁଏ। ମନ୍ଦିରର ସମ୍ମୁଖ ଦ୍ୱାରଦେଶରେ ବିରଞ୍ଚି ନାରାୟଣଙ୍କୁ ଯୋଡ଼ହସ୍ତ କରି ୧୪ ଉଚ୍ଚତା ଓ ୬ ଫୁଟ ପରିଧି ବିଶିଷ୍ଟ ଏକ ଅରୁଣ ସ୍ତମ୍ଭ ମଧ ବିଦ୍ୟମାନ। ମନ୍ଦିର ମଧରେ ଗଙ୍ଗା, ଯମୁନା ନାମରେ ଏକ ବାମ୍ଫି ରହିଛି, ଯେଉଁ ଜଳକୁ ଲୋକେ ପବିତ୍ର ଜଳ ଆକାରରେ ଗ୍ରହଣ କରିଥାନ୍ତି। ଚିତ୍ତରଞ୍ଜନ ଦାସ କୁହନ୍ତି, ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିର ଓଡ଼ିଶା କାହିଁକି ସାରା ଦେଶରେ କାଷ୍ଠର ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧି ରହିଛି। ଶ୍ରୀ ବିରଞ୍ଚି ନାରାୟଣ ମଠାଧୀଶ ଭକ୍ତରାମ ଦାଶ କୁହନ୍ତି–ଗଞ୍ଜାମ ଜିଲାର ବୁଗୁଡ଼ା ସହରରେ ଅବସ୍ଥିତ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିର ପର୍ଯ୍ୟଟନ କେନ୍ଦ୍ର ରୂପେ ସ୍ୱୀକୃତି ପାଇଥିଲେ ମଧ ପର୍ଯ୍ୟଟନ ବିଭାଗ ଓ କଳା ସ୍ଥାପତ୍ୟ ବିଭାଗ ଏହାର ଉନ୍ନତି ପ୍ରତି ସେଭଳି ଦୃଷ୍ଟି ଦେଉନାହାନ୍ତି। ଓଡ଼ିଶାର ଏହା ଦ୍ୱିତୀୟ କୋଣାର୍କ। ତେଣୁ ମନ୍ଦିରର ଉନ୍ନୟନ ଓ କାରୁକାର୍ଯ୍ୟର ପୁନରୁଦ୍ଧାର କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଦିଅନ୍ତୁ।

**କାଠର ବଙ୍ଗଳା:** କନ୍ଧମାଳ ଜିଲାର ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର। ଏହି ବେଲଘରକୁ ଆସିବାକୁ ହେଲେ ତୁମୁଡ଼ିବନ୍ଧଠାରୁ ମାତୃଗାଁ ଦେଇ ମାତ୍ର ୨୩ କିମି ଦୂର, ଭୀମା ପାହାଡ଼ର କଡ଼େ କଡ଼େ ଅଙ୍କାବଙ୍କା ରାସ୍ତାରେ ଘାଟି ଚଢ଼ିବାକୁ ହୁଏ। ଘାଟିରେ ପହଞ୍ଚିଲା ପରେ ଦୃଷ୍ଟିପଡ଼ିବ ଏଠାରେ ଥିବା ମା' ବନ୍ୟଦେବୀ ମନ୍ଦିର ଉପରେ। କେହି କେହି ଏହାକୁ ପୂଜାଘାଟି ବୋଲି କହିଥାନ୍ତି। ଏଠାରୁ ଦୂର ପାହାଡ଼ ଖୁବ୍ ସୁନ୍ଦର ଦିଶୁଥାଏ। ବେଲଘରର ପ୍ରାକୃତିକ ଶୋଭା ଖୁବ୍ ନିଆରା। ପାର୍ବତ୍ୟାଞ୍ଚଳର ଘଞ୍ଚଜଙ୍ଗଲ ମଧ୍ୟରେ ଚରାବୁଲା କରନ୍ତି ବିଭିନ୍ନ ଜୀବଜନ୍ତୁ। ଏମିତିକି ଜଙ୍ଗଲ, ଝରଣା ଓ ପାହାଡ଼ଘେରା ରାସ୍ତାରେ ଯିବାବେଳେ ହୁଏତ ବିଭିନ୍ନ ଜଙ୍ଗଲୀ ଜୀବଜନ୍ତୁଙ୍କୁ ଦେଖିପାରନ୍ତି। ଏହି ପ୍ରାକୃତିକ ପରିବେଶଭରା ସ୍ଥାନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଜଙ୍ଗଲୀ ନୀତିନୀୟମରେ ସତର୍କତାର ସହ ଭ୍ରମଣ କରିଥାନ୍ତି। ଏହାବାଦ ବନ ବିଭାଗ ଦ୍ୱାରା ଏଠାରେ ନିର୍ମିତ ହୋଇଛି ଏକ ଡାକବଙ୍ଗଳା। ଯାହାକି ସମ୍ପୂର୍ଣ୍ଣ କାଠରେ ତିଆରି। ଏହା କେବେ ନିର୍ମାଣ ହୋଇଥିଲା ତାହାର ସଠିକ୍ ତଥ୍ୟ ଜଣାପଡ଼ିନାହିଁ। ବେଲଘର ଅଞ୍ଚଳର ବରିଷ୍ଠ ନାଗରିକଙ୍କଠାରୁ ଶୁଣିବାକୁ ମିଳେ, ଏହି କାଠବଙ୍ଗଳା ନିର୍ମାଣ ପାଇଁ ତତ୍କାଳୀନ ବିଧାୟକ ଲୋକନାଥ ପାତ୍ର ଜମି ଦାନ କରିଥିଲେ। ବେଲଘର କାଠବଙ୍ଗଳାର କାନ୍ଥଗୁଡ଼ିକ ବଡ଼ ବଡ଼ କାଠପଟାରେ ତିଆରି ହୋଇଛି। ଉପରେ ଆଜବେଷ୍ଟସ ଛପର କରାଯାଇଛି। ସିଲିଂରେ ମଧ୍ୟ କାଠପଟା ବ୍ୟବହାର କରାଯାଇଛି। ଏଥିରେ ବିଭିନ୍ନ ରଙ୍ଗ ଦିଆଯାଇଥିବାରୁ ତାହା ଦେଖିବାକୁ ଖୁବ୍ ଆକର୍ଷଣୀୟ। ଏଠାରେ ରହିବା ପାଇଁ ଦୁଇଟି ସ୍ୱତନ୍ତ୍ର କୋଠରି ରହିଛି। ବାଥ୍‌ରୁମ ମଧ ରହିଛି। ପୁଣି ପ୍ରତୀକ୍ଷାଳୟ ରହିଛି। ଡାଇନିଂ ହଲ୍ ମଧ୍ୟ ରହିଛି। ପର୍ଯ୍ୟଟକମାନେ ରହିବା ପାଇଁ ଉତ୍ତମ ବ୍ୟବସ୍ଥା ହୋଇଛି। ବଙ୍ଗଳା ଅଗଣାରେ ରଙ୍ଗବେରଙ୍ଗର ବିଭିନ୍ନ ଫୁଲଗଛ ଲାଗିଛି। ସମ୍ମୁଖରେ ଏକ ଘାସଗାଲିଚା ରହିଛି। ବାହାର ଚାରିପାଖେ କଣ୍ଟାଗଛର ବାଡ଼ ରହିଛି। ଡାହାଣ ପାର୍ଶ୍ୱରେ ଦୁଇଟି ବଡ଼ କାଠଗଣ୍ଡି ପୋତାଯାଇଛି, ଯାହାଦ୍ୱାରା ପର୍ଯ୍ୟଟକମାନେ ଶୀତୁଆ ସକାଳେ ନିଆଁପୁଆଁର ମଜା ନେଇଥାନ୍ତି। ନିକଟରେ ବହିଯାଇଛି ଏକ ଝରଣା। ଏହି କାଠବଙ୍ଗଳା ଚାରିପାଖରେ ବିଭିନ୍ନ ଔଷଧୀୟ ବୃକ୍ଷ ଲଗାଯାଇଛି। ଏହାସହିତ ଜଙ୍ଗଲରେ ଶାଳ, ପିଆଶାଳ, ହଳନ୍ଦ, ଅଶ୍ୱତ୍ଥ ଆଦି ବିଭିନ୍ନ ବୃକ୍ଷ ରହିଛି। ଏଠାରେ ଦୁଇଟି ସୁନ୍ଦର ଟେଷ୍ଟ ହାଉସ୍ ବି କରାଯାଇଛି। ତା' ମଧରେ ଶୋଇବା ଲାଗି ଖଟ ସହ ଅନ୍ୟାନ୍ୟ ସୁବିଧା ବି ରହିଛି। କେତେକ ବୃକ୍ଷର ଡାଳରେ ଦୋଳି ଝୁଲାଯାଇଛି। ପର୍ଯ୍ୟଟକମାନେ ଦୋଳିରେ ଝୁଲିପାରିବେ। ଏହି ଜଙ୍ଗଲୀ ପରିବେଶରେ ବନ ବିଭାଗ ଦ୍ୱାରା ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା ରହିଛି। ଏହି ବେଲଘର କାଠବଙ୍ଗଳାରେ ରହି ପ୍ରାକୃତିକ ପରିବେଶ ଉପଭୋଗ କରିବା ପାଇଁ ହେଲେ ବାଲିଗୁଡ଼ା ବନଖଣ୍ଡ ଅଧିକାରୀଙ୍କଠାରେ ଆବେଦନ କରିବାକୁ ହୋଇଥାଏ। ବେଲଘରର ପ୍ରାକୃତିକ ଶୋଭା ଖୁବ୍ ସୁନ୍ଦର।



**କାଠକୂପ:** ଗ୍ରୀଷ୍ମଋତୁରେ ନଳକୂପ, ପଥରକୂପ, ନନ୍ଦକୂଅ, ଇଟାକୂଅ ଆଦିରେ ପାନୀୟ ଜଳ ପାଇଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳେ। କିନ୍ତୁ କାଠକୂଅ କହିଲେ ହୁଏତ ଟିକେ ଅବିଶ୍ୱାସ ଲାଗିପାରେ । ମାତ୍ର ଏମିତି ଏକ କୂଅ ଅଛି, ଯାହାକୁ ସ୍ଥାନୀୟ ଲୋକେ କାଠକୂପ ବୋଲି କୁହନ୍ତି। ଏହା ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ଉପରଡିକିରି ଗାଁରେ ଅବସ୍ଥିତ। ଏହାକୁ କେବେ, କିଏ ତିଆରି କରିଥିଲେ ଜଣା ନାହିଁ। ହେଲେ କୂଅଟି ଆନୁମାନିକ ୧୫୦ ବର୍ଷ ପୁରୁଣା ବୋଲି ବିଶ୍ୱାସ କରାଯାଏ। କୂଅଟିର ଗଭିରତା ମାତ୍ର ୧୫ ଫୁଟ। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହାର ଜଳ କେବେ ଶୁଖେନାହିଁ। ଏହି କୂଅ ଗାଁ ଲୋକଙ୍କୁ ବର୍ଷସାରା ପାଣି ଯୋଗାଇଆସୁଛି। ଏହି ଗାଁରେ ବାସକରନ୍ତି ୩୦ ପରିବାର। ବହୁବର୍ଷ ତଳେ ଏହି ଗାଁରେ ପାନୀୟ ଜଳସଙ୍କଟ ଦେଖାଦେଇଥିଲା। ଜଳସଙ୍କଟ ସମାଧାନ ପାଇଁ ଗାଁ ଗହୀରରେ କେହି ଜଣେ ବ୍ୟକ୍ତି ଏକ କୂଅ ଖୋଳିଥିଲେ। କୂଅ ଚାରିପାଖେ ପଥର, ଇଟା ନ ବସାଇ କାଠ ବସାଇଥିଲେ। ଉପରଭାଗରେ ଜାମୁ ଓ ଶାଳ କାଠ ବ୍ୟବହାର କରାଯାଇଥିବାବେଳେ ପାଣି ତଳେ ହିଞ୍ଜଳ କାଠର ବ୍ୟବହାର କରାଯାଇଛି। ପାଣି ଉପରେ ଥିବା କାଠ ୧୫ରୁ ୨୦ ବର୍ଷ ଭିତରେ ବଦଳା ଯାଉଛି। କିନ୍ତୁ ତଳଭାଗର କାଠ ବଦଳାଯାଏ ନାହିଁ। ଏନେଇ ଗାଁର ୯୦ ବର୍ଷୀୟା ବୃଦ୍ଧା ସମ୍ପାରିଆ ଜାନି କୁହନ୍ତି, ଏହି କାଠକୂଅର ମାହାତ୍ମ୍ୟ ହେଉଛି– ଗାଁର ଅନ୍ୟ କୂଅ ୩୦ ଫୁଟ୍‌ରୁ ଉର୍ଦ୍ଧ୍ୱ ହୋଇଥିଲେ ହେଁ ଖରାଦିନେ ଶୁଖିଯାଏ। କିନ୍ତୁ ଏହି କୂଅ କେବେ ସୁଖେନା। ସେହିଭଳି ପୁଷ୍ପଲତା ଜାନି କୁହନ୍ତି, କାଠ କୂଅ ନାଁ ଶୁଣିଲେ ଅନେକେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ଆମ ଗାଁକୁ କେହି ଆସିଲେ ସେ ପ୍ରଥମେ କାଠକୂଅଟିକୁ ଯାଇ ଦେଖିଆସନ୍ତି। ଏହି କୂଅ ଗହୀରରେ ଥିଲେ ହେଁ ଏହାର ଜଳ ଦୂଷିତ ନୁହେଁ । ପ୍ରସନ୍ନ ଜାନି କୁହନ୍ତି, ରକ୍ଷଣାବେକ୍ଷଣା ଯୋଗୁ କୂଅଟି ବର୍ତ୍ତମାନ ସୁରକ୍ଷିତ ରହିଛି । ତେବେ ସବୁଠାରୁ ବେଶି ଆଶ୍ଚର୍ଯ୍ୟ କଥା ହେଲା ପାଣି ଭିତରେ ଥିବା କାଠ କିପରି ନଷ୍ଟ ହେଉନି। ଆମେ ବିଭିନ୍ନ ସମୟରେ କୂଅରେ ପଶି କାଠର ମାନ ପରୀକ୍ଷଣ କରିଥାଉ। ଆମ ଆଦିବାସୀଙ୍କ ପାଇଁ ଏହି କାଠକୂଅ ବରଦାନ ପାଲଟିଛି ।








ତେବେ ଏହାବ୍ୟତୀତ ଓଡ଼ିଶାର ଅନ୍ୟ କେତେକ ସ୍ଥାନରେ ପରିବେଶ ଉପଯୋଗୀ ପ୍ରକୃତି ନିବାସସ୍ଥଳୀରେ ବାଉଁଶ,କାଠରକଳାକୃତି ଓ କାଠରେ ନିର୍ମିତ ଘର ତିଆରି ହୋଇଥିବାର ଦେଖିବାକୁ ମିଳେ।

–ବନବିହାରୀ ବେହେରା

**ଲୋକନାଥ ମିଶ୍ର, ଦୀପକ କୁମାର ପରାସେଟ, କାଳୀଚରଣ ଦାଶ**







# ଶୀତରେ କରିବେ ଗ୍ଲୋ



**ତ୍ୱଚାର ଯତ୍ନ ସବୁବେଳେ ସବୁ ସମୟରେ ନେବା ନିହାତି ଜରୁରୀ। ଆଉ ଶୀତଦିନେ ତ ଏଥିପ୍ରତି ଅଧିକ ସଚେତନ ହେବା ନିତ୍ୟାନ୍ତ ଆବଶ୍ୟକ। କାରଣ ଶୀତଦିନେ ତ୍ୱଚାର ସଠିକ୍ ଯତ୍ନ ନ ନେଲେ ଏହା ଶୀଘ୍ର ଡ୍ରାଏ ହୋଇଯାଏ। ତେଣୁ ଶୀତରେ କିପରି ତ୍ୱଚାର ଯତ୍ନ ନେଲେ ଏହା ଗ୍ଲୋ କରିବା ସହିତ ଆକର୍ଷଣୀୟ ଲାଗିବ ଜାଣନ୍ତୁ ସେ ସମ୍ପର୍କରେ...**

**ଶୀ**ତଦିନେ ତ୍ୱଚାର ଡ୍ରାଏନେସ୍‌ରୁ ମୁକ୍ତି ପାଇବା ପାଇଁ କିଏ କେତେ କ'ଣ ଉପାୟ କରିଥାନ୍ତି। କିଏ ମାର୍କେଟ୍‌ରେ ମିଳୁଥିବା ନାମୀଦାମୀ ମଇଶ୍ଚରାଇଜର୍ କ୍ରିମ୍ ଆଣି ଲଗାନ୍ତି ତ କିଏ ବଡ଼ି ଲୋଶନର ବ୍ୟବହାର କରିଥାନ୍ତି। ହେଲେ ଜାଣନ୍ତି କି ଏମିତି କିଛି ତେଲ ରହିଛି ; ଯାହାକୁ ଶୀତଦିନେ ତ୍ୱଚାରେ ଲଗାଇଲେ ତ୍ୱଚାର ଡ୍ରାଏନେସ୍ ଦୂର ହେବା ସହିତ ଏହା ଧୀରେ ଧୀରେ ଗ୍ଲୋ ମଧ୍ୟ କରିବାକୁ ଲାଗିଥାଏ। ଯେମିତିକି:

**ନଡିଆ ତେଲ:** ଶୀତଦିନେ ନଡିଆ ତେଲର ବ୍ୟବହାର ନାଚୁରାଲ୍ ମଇଶ୍ଚରାଇଜର୍ ଭାବେ କାମ କରିଥାଏ। ତା'ଛଡ଼ା ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଓ ଆଣ୍ଟି ଫଙ୍ଗଲ୍ ଗୁଣ ପାଇଁ ଏହା ବିଭିନ୍ନ ପ୍ରକାର ତ୍ୱଚା ଜନିତ ସମସ୍ୟାରୁ ଶୀତଦିନେ ଆମକୁ ସୁରକ୍ଷା ଦେଇଥାଏ। ତେଣୁ ପ୍ରତିଦିନ ଗାଧୋଇବା ପୂର୍ବରୁ ହେଉ ଅବା ପରେ ତ୍ୱଚାରେ ହାଲ୍‌କା ନଡ଼ିଆ ତେଲର ମାଲିସ୍ କଲେ ତ୍ୱଚାକୁ ପୋଷଣ ମିଳିବା ସହ କ୍ରମେ ସ୍କିନ୍ ଟୋନ୍‌ରେ ବି ସୁଧାର ଆସିଥାଏ।

**ଅଲିଭ୍ ତେଲ:** ଶୀତଦିନେ ତ୍ୱଚାର ଖାସ୍ ଯତ୍ନ ନେବା ପାଇଁ ଅଲିଭ୍ ତେଲର ବ୍ୟବହାର କରିବା ବି ଏକ ଭଲ ଅପ୍ସନ। କାରଣ ଏହି ତେଲରେ ଆଣ୍ଟି ଏଜିଙ୍ଗ୍ ଓ ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ଭରି ରହିଛି। ଯଦି ପ୍ରତିଦିନ ଶରୀରରେ କିଛି ସମୟ ପାଇଁ ଅଲିଭ୍ ତେଲର ମସାଜ୍ କରାଯାଏ ; ତା'ହେଲେ ତ୍ୱଚା ସଫ୍ଟ ହେବା ସହ ଗ୍ଲୋ ମଧ୍ୟ କରିଥାଏ।

**ଆଲମଣ୍ଡ ତେଲ:** ଭିଟାମିନ୍ ଏ, ଭିଟାମିନ୍ ଇ ଓ ଜିଙ୍କ୍ ଭଳି ଗୁଣକାରୀ ତତ୍ତ୍ୱରେ ଭରା ଆଲମଣ୍ଡ ତେଲକୁ ଶୀତଦିନେ ତ୍ୱଚାରେ ମାଲିସ୍ କଲେ ତ୍ୱଚାର ଡ୍ରାଏନେସ୍ ଦୂର ହେବା ସହିତ ତ୍ୱଚାକୁ ସଠିକ୍ ପୋଷଣ ମଧ୍ୟ ମିଳିଥାଏ। କେବଳ ତ୍ୱଚା ନୁହେଁ କେଶ ପାଇଁ ବି ଆଲମଣ୍ଡ ତେଲ ବେଶ୍ ଉପକାରୀ ହୋଇଥାଏ। ଏପରିକି ଆଖି ତଳେ ପଡୁଥିବା କଳାଦାଗକୁ ବି ଠିକ୍ କରିବାରେ ଏହା ବିଶେଷ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ କିଛି ସମୟ ପାଇଁ ଶରୀରରେ ଆଲମଣ୍ଡ ତେଲ ମାଲିସ୍ କଲେ ତ୍ୱଚା ଚିକ୍କଣ ରହିବା ସହ ସନ୍ ଟ୍ୟାନ୍ ଓ ଡେଡ୍ ସ୍କିନ୍ ସମସ୍ୟାରୁ ବି ମୁକ୍ତି ମିଳେ।

**ସୂର୍ଯ୍ୟମୁଖୀ ତେଲ:** ଏହି ତେଲରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟର ତତ୍ତ୍ୱ ଭରି ରହିଥିବା ଯୋଗୁ ଏହାର ବ୍ୟବହାର ତ୍ୱଚା ପାଇଁ ବହୁତ ଉପକାରୀ ହୋଇଥାଏ। ତ୍ୱଚାକୁ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ୍ ତଥା ବ୍ରଣ ସମସ୍ୟାରୁ ମୁକ୍ତି ଦେବା ସହ ତ୍ୱଚାର ଡେଡ୍ ସ୍କିନ୍ ସେଲ୍ସକୁ ରିପେୟାର୍ କରିବାରେ ସୂର୍ଯ୍ୟମୁଖୀ ତେଲ ବେଶ୍ ଉପକାରୀ ହୋଇଥାଏ। ତେଣୁ ନିୟମିତ ଭାବେ ଏହି ତେଲରେ ଶରୀରକୁ ମସାଜ୍ କଲେ ସ୍କିନ୍ ଗ୍ଲୋ କରିବା ସହିତ ପ୍ରୋବ୍ଲେମ୍ ଫ୍ରି ରହିଥାଏ।

**ସୋରିଷ ତେଲ:** ଶୀତଦିନେ ତ୍ୱଚାରେ ବ୍ଲଡ୍ ସର୍କୁଲେଶନ୍‌କୁ ସଠିକ୍ ରଖିବାରେ ସୋରିଷ ତେଲ ବେଶ୍ ସହାୟକ ହୋଇଥାଏ। ଆଣ୍ଟି ଫଙ୍ଗଲ୍, ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣରେ ଭରା ସୋରିଷ ତେଲକୁ ଶରୀରରେ ମାଲିସ୍ କଲେ ତ୍ୱଚାରେ ରହିଥିବା କୌଣସି ଇନଫେକ୍ସନ୍‌ର ଦାଗ ଧୀରେ ଧୀରେ କମିଯାଏ। ତା'ସହିତ ତ୍ୱଚାରେ ଥିବା ଓପନ୍ ପୋର୍ସ ସମସ୍ୟାରୁ ବି ଏହା ମୁକ୍ତି ଦେଇଥାଏ। ଶୀତଦିନେ ଗାଧୋଇବା ପୂର୍ବରୁ ଶରୀରରେ କିଛି ସମୟ ସୋରିଷ ତେଲ ମାଲିସ୍ କରିବା ବହୁତ ଉପକାରୀ ହୋଇଥାଏ।




## ଜରୁରୀ ଟିପ୍ସ

✲ ଶୀତଦିନେ ଶୋଷ କମ୍ ହେଉଥିବାରୁ ଅନେକେ ଖୁବ୍ କମ୍ ପାଣି ପିଇଥାନ୍ତି। ଯଦ୍ଦ୍ୱାରା ଶରୀରରେ ଜଳୀୟ ଅଂଶ କମିଯାଇ ତ୍ୱଚା ଡ୍ରାଏ ହୋଇଯାଏ। ତେଣୁ ଶୀତଦିନେ ଶୋଷ ହେଉ କି ନ ହେଉ ପ୍ରଚୁର ପାଣି ପିଇବା ନିହାତି ଆବଶ୍ୟକ।

✲ ଶୀତଦିନେ ଯେତେ ସମ୍ଭବ ସବୁଜ ପନିପରିବା ସହିତ ଏମିତି ଫଳ ଖାଇବା ଦରକାର, ଯେଉଁଥିରେ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିଡାଣ୍ଟ ରହୁଥିବ। କାରଣ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଇଲେ ରୋଗପ୍ରତିରୋଧକ ଶକ୍ତି ବଢିବା ସହ ତ୍ୱଚା ଉଜ୍ଜ୍ୱଳ ଓ କୋମଳ ରହିଥାଏ। ଫଳରେ ବୟସ ଅଧିକ ହେଲା ଭଳି ଦେଖାଯାଏନାହିଁ।







# ସ୍ୱରସାଧିକା ସାଗରୀକା

ସଂଗୀତ ତାଙ୍କୁ ଦେଇଛି ପରିଚୟ। ସଂଗୀତ ମାଧ୍ୟମରେ ସେବା କରି ପାଇଛନ୍ତି ଆତ୍ମସନ୍ତୋଷ। ଇଏ ହେଲେ କଣ୍ଠଶିଳ୍ପୀ ସାଗରୀକା ପଟ୍ଟନାୟକ। ଯାହାଙ୍କ (ଘର ମୋର ସ୍ୱର୍ଗ ଚଳଚ୍ଚିତ୍ରର)ଗୀତ 'ଜିତିବା ଦିନେ ଆମେ ଜୀବନର ବାଜି ଏଠି'.. ଏବେବି ଶ୍ରୋତା ଗୁଣୁଗୁଣାଇଥାନ୍ତି। ନିଜ ସ୍ୱରର ଯାଦୁରେ ଲକ୍ଷ ଲକ୍ଷ ସ୍ରୋତାଙ୍କୁ ବାନ୍ଧି ରଖିଥିବା ସାଗରୀକା ଏହି ସଂଗୀତ ମାଧ୍ୟମରେ ଅସହାୟଙ୍କ ମୁହଁରେ ହସ ଫୁଟାଇବାକୁ ବି ଚେଷ୍ଟା କରନ୍ତି।

ସାଗରୀକାଙ୍କର ଜନ୍ମ କଟକରେ। ମା' ଜ୍ୟୋତ୍ସ୍ନା ପାତ୍ର ଓ ବାପା ପ୍ରଶାନ୍ତ ପାତ୍ର। ପେସାରେ ବାପା ଥିଲେ ଇଞ୍ଜିନିୟର । ଯେତେବେଳେ ସାଗରୀକା ଖୁବ୍ ଛୋଟ ହୋଇଥିଲେ ଅନ୍ୟ ପିଲାମାନଙ୍କ ପରି ଖେଳଣା ଧରି ଖେଳିବା ପରିବର୍ତ୍ତେ ଟେପ୍ ରେକର୍ଡରେ ଗୀତ ଶୁଣିବାକୁ ଭଲପାଉଥିଲେ। ତାଙ୍କ ବାପାମା' ଝିଅର ଗୀତ ପ୍ରତି ଆଗ୍ରହ ଥିବା ଦେଖି ତାଙ୍କୁ ଗୀତ ଶିଖାଇବାକୁ ଚିନ୍ତାକଲେ। ପ୍ରଥମ ଗୁରୁଭାବରେ ପଣ୍ଡିତ ଅଧରନାଥ ଶର୍ମାଙ୍କ ପାଖରେ ସାଗରୀକା ଗୀତ ଶିଖିବା ଆରମ୍ଭ କଲେ। ସେତେବେଳେ ସାଗରୀକାଙ୍କୁ ମାତ୍ର ୬ ବର୍ଷ। ଆଠ ବର୍ଷ ବେଳକୁ ସେ ଶିଶୁ ସଂସାରରେ ଚାଇଲ୍ଡ ଆର୍ଟିଷ୍ଟ ଭାବରେ ସ୍ଥାନ ପାଇଥିଲେ। ଏହାପରେ ୧୬ବର୍ଷ ବୟସରେ ଅଡିସନ ଦେଇ ଅଲଇଣ୍ଡିଆ ରେଡିଓରେ ଆର୍ଟିଷ୍ଟର ମାନ୍ୟତା ପାଇଲେ। ତା'ପରେ ପୁଣି ପରୀକ୍ଷା ଦେଇ ଦିଲ୍ଲୀ ଦୂରଦର୍ଶନରେ ଅପ୍‌ଗ୍ରେଡେଡ୍ ସିଙ୍ଗରର ସ୍ୱୀକୃତି ପାଇଲେ। ହିନ୍ଦୁସ୍ତାନୀ କଣ୍ଠସଂଗୀତରେ ବିଶାରଦ କରିଥିବା ସାଗରୀକା ସବୁ ପ୍ରକାର ଗୀତ ଗାଇବାକୁ ପସନ୍ଦ କରିଥାନ୍ତି। ଓଡିଆ ସିନେମା ସହ ଛଅଟି ବଙ୍ଗଳା ସିନେମା, ଅନେକ କ୍ୟାସେଟ୍ ଆଦିରେ ଶତାଧିକ ଗୀତ ଗାଇସାରିଛନ୍ତି। ଯେଉଁ ଗୀତଗୁଡିକ ମଧ୍ୟରେ ମୀରା ଭଜନ, ଗଜଲ, ପଲ୍ଲୀଗୀତ, ହାସ୍ୟରସାତ୍ମକ, ସେମିକ୍ଲାସିକାଲ ଓ ଲୋକ ଗୀତ ରହିଥାଏ। ତେବେ ସବୁଠୁ କଡ କଥା ହେଲା ସେ ଗୀତ ଗାଇବା ପୂର୍ବରୁ ପ୍ରଥମେ ଗୀତକୁ ଦେଖନ୍ତି। ଦ୍ୱିଅର୍ଥ ବୋଧକ ଗୀତ ଗାଇବାକୁ ସେ ପସନ୍ଦ କରନ୍ତିନି। ଲେଖାର ଭାବାର୍ଥ ତାଙ୍କ ପାଇଁ ମୁଖ୍ୟ। ଯାହା ସମସ୍ତଙ୍କ ହୃଦୟକୁ ଛୁଉଁଥିବ। ସେଥିପାଇଁ ସେ ଅନେକ ଅଫରକୁ ହାତଛଡା ମଧ୍ୟ କରିଛନ୍ତି। ଏହାଛଡା ତାଙ୍କର ରକ୍ଷଣଶୀଳ ପରିବାର ହୋଇଥିବାରୁ ବାହାରକୁ ଏକା ଯାଇ ଗୀତ ଗାଇବେନି ବୋଲି ଅନେକ ଅଫରକୁ ହାତ ଛଡା ମଧ୍ୟ କରିଛନ୍ତି ସେ।

ଏବେବି ବାପାମା'ଙ୍କୁ ଛାଡି ଯିବେନି ବୋଲି ବିଦେଶର ଷ୍ଟେଜ ଶୋ' ଅଫର୍ ପ୍ରତ୍ୟାଖାନ କରୁଛନ୍ତି। ବିବାହ ପରେ ସ୍ୱାମୀ ରଘୁନାଥ ପଟ୍ଟନାୟକଙ୍କ ଚାକିରୀ ପାଇଁ ବିଭିନ୍ନ ସ୍ଥାନରେ ଯାଇ ରହିଛନ୍ତି। ତେବେ ସବୁଠୁ ଖୁସିର କଥା ହେଲା, ଏଥିରେ ସଙ୍ଗୀତ ପାଇଁ ତାଙ୍କର କୌଣସି ପ୍ରକାର ବାଧା ଆସିନି। ବରଂ ସଙ୍ଗୀତ କ୍ଷେତ୍ର ତାଙ୍କର ଅଧିକ ମଜଭୁତ୍ ହୋଇଛି। କାରଣ ସ୍ୱାମୀ ତାଙ୍କର ଇଞ୍ଜିନିୟର ହେଲେ ବି ସଂଗୀତ ପ୍ରତି ତାଙ୍କର ରୁଚି ରହିଛି। ଆଉ ସାଗରୀକାଙ୍କର ଗୀତ ଗାଇବା ତାଙ୍କର ଖୁବ୍ ପସନ୍ଦ। ସ୍ୱାମୀଙ୍କ ସହଯୋଗ ପାଇ ସାଗରୀକା ଚିନ୍ତା କଲେ କିପରି ସେ ସଂଗୀତ ମାଧ୍ୟମରେ ଲୋକଙ୍କ ସେବା କରିପାରିବେ। ଏଇଠୁ ଆରମ୍ଭ ହେଲା ତାଙ୍କର ବିଭିନ୍ନ ପ୍ରକାର ଚାରିଟି ଶୋ' କରିବା। ଓଡିଶାର ବିଭିନ୍ନ ସ୍ଥାନରେ ସେ ଚାରିଟି ଶୋ' କରିଛନ୍ତି ଆଉ ସେଥିରୁ ମିଳୁଥିବା ଅର୍ଥରେ ଦୃଷ୍ଟିବାଧିତଙ୍କ ପାଇଁ 'ମିଶନ୍ ଫର ଭିଜନ୍' ନାଁରେ ସେମାନଙ୍କ ଚିକିତ୍ସା କରିବା ସହ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରିଛନ୍ତି। କାରଗିଲ ଯୁଦ୍ଧ ସମୟରେ ସରକାରଙ୍କୁ ଏକ ଲକ୍ଷଟଙ୍କାର ଅନୁଦାନ ଦେଇଛନ୍ତି। ମହାବାତ୍ୟା ସମୟରେ ବି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା କରିଛନ୍ତି।

ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାଗରୀକାଙ୍କୁ ବହୁ ସରକାରୀ ଅନୁଷ୍ଠାନ ତରଫରୁ ପୁରସ୍କୃତ ଓ ସମ୍ମାନିତ କରାଯାଇଛି। ଯେଉଁଥିରେ ସଂଗୀତଶ୍ରୀ ସମ୍ମାନ ବନାରସରେ ଶାସ୍ତ୍ରୀୟ ସଂଗୀତରେ ସ୍ୱର୍ଣ୍ଣ ପଦକ ଓ କ୍ରିଟିକ ସର୍କଲ ଅଫ୍ ଇଣ୍ଡିଆରୁ ୨ଥର ପୁରସ୍କୃତ ହେବା ସହ ଆହୁରି ଅନେକ ପୁରସ୍କାର ଓ ସମ୍ମାନରେ ସେ ସମ୍ମାନିତ। ବନାରସରେ ସ୍ୱର୍ଣ୍ଣପଦକ ପାଇବାର ସ୍ମୃତି ମନେ ପକାଇ ସାଗରୀକା କୁହନ୍ତି, 'ସାରାଭାରତରୁ ହଜାର ହଜାର ପିଲା ଏହି ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚାରି ପାଞ୍ଚଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା । ସେଠାରେ ମୁଁ ଗୋଲ୍ଡ ମେଡାଲ୍ ପାଇବି ବୋଲି କେବେ ବି ଚିନ୍ତା କରି ନଥିଲି। ଏହି ଖୁସି ମୋତେ ଆତ୍ମହରା କରି ଦେଇଥିଲା। ସତ୍ୟସାଇ ବାବାଙ୍କର ଜନ୍ମୋତ୍ସବରେ ରାଜମହେନ୍ଦ୍ରୀଠାରେ ସ୍ପିରିଟ ଅଫ୍ ୟୁନିଟି କନସର୍ଟରେ ଗାଇବାର ସୁଯୋଗ ମିଳିଥିଲା, ଯାହା ମୋ ପାଇଁ ବହୁତ ବଡ଼ ସୁଯୋଗ ଥିଲା। ସେ ଅନୁଭୂତି ମୁଁ କେବେ ଭୁଲି ପାରିବି ନାହିଁ। ଗୀତ ଗାଇବା ଓ ଲୋକଙ୍କ ସେବା କରିବା ବ୍ୟତୀତ ତାଙ୍କର ରୋଷେଇ, ଘର ସଜେଇବା ଓ ଗାର୍ଡେନିଂରେ ଖୁବ୍ ରୁଚି ରହିଛି। ରୋଷେଇ ପାଇଁ ଅନେକ ପୁରସ୍କାର ବି ପାଇଛନ୍ତି। ସ୍ୱାମୀ ଓ ଗୋଟିଏ ଝିଅକୁ ନେଇ ତାଙ୍କ ସଂସାର। ଏବେବି ପରିବାରର ଦାୟିତ୍ୱ ସହ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ସେ ସଙ୍ଗୀତ ସାଧନା କରିବାକୁ କେବେ ବି ଭୁଲନ୍ତି ନାହିଁ। ସବୁବେଳେ ଗୋଟେ ଭଲ ମଣିଷ ହୋଇ ବଞ୍ଚିବାକୁ ଚାହୁଁଥିବା ସାଗରିକାଙ୍କର ଏକମାତ୍ର ଇଚ୍ଛା ଜୀବନର ଶେଷ ସମୟ ଯାଏ ଯେମିତି ସେ ଗୀତ ଗାଇ ପାରୁଥିବେ।

-ରୋଜାଲିନ୍ ମହାନ୍ତି









# ଆମ ଲୋକ

–ଛନ୍ଦା ମିଶ୍ର

ଏମିତିରେ ମୁଁ ପାନ ଖାଇବାକୁ ଭଲ ପାଏନି। ବିଶେଷକରି ପାନରେ ଥିବା ଗୁଆ ଚୋବେଇବା ବେଳେ ଯେଉଁ ରସ ବାହାରେ ତାକୁ ଢୋକି ଦେଲେ ଛାତି ଭିତରେ କେମିତି କେମିତି ହେଇଯାଏ। କିନ୍ତୁ ସାନ ବେଳେ ଆଈ ପାଖରେ ବସି, ସେ ତା' ପାନ ଡାଲା ଧରି ଯେତେବେଳେ ବତିଶ ପ୍ରକାର୍ର ମସଲା ଦେଇ ପାନ ଭାଙ୍ଗେ, ଖୁବ୍ ମନ ଧ୍ୟାନ ଦେଇ ମୁଁ ତାକୁ ଦେଖେ। ଆଈ ପଚାରେ, ''ଖଣ୍ଡେ ଖାଇବୁ କିଲୋ..'', ''ବୋଉ ମାରିବ'' କହି ମୁଁ ଚୁପ୍ କରି ନିଜ ହାତ ବଢେଇ ଦେଇ କହେ '' ଖାଲି ଟିକେ ମିଠା ମସଲା ଦେ..'' ଆଈ ମୋ ହାତରେ ମିଠା ମସଲା ଡବାର କୁନି କଣାରୁ ଟିକେ ଝାଡି ଦିଏ, ତାକୁ ଜିଭରେ ଅଳ୍ପ ଅଳ୍ପ ଚାଟି ମୁଁ ସେଠାରୁ ଉଠି ଯାଏ, ଆଈ ପଛରୁ ଡାକେ, ''ଆଲୋ ଯାଉଚୁ କୁଆଡେ, ପାନ ନେଇଯା, ଅଜାଙ୍କୁ ଦେଇ ଦବୁ.. '' ଅଜାଙ୍କୁ ପାନ ବଢେଇ ଦେଲେ, ମୁରୁକୁନ୍ଦ ହସଟିଏ ହସି ପଚାରିବେ, ''କିଏ.. ଆଈ ଦେଲା..!'' ଭଲକରି ଅଜା ଜାଣନ୍ତି ଯେ, ଆଈ ହିଁ ଦେଇଚି, କାରଣ ଆଉ କେହି ପାନ ଦେଲେ, ସେ ଚଟ୍ କରି କୁହନ୍ତି, ''ତୋ ଆଈ କୁଆଡେ ଗଲା କି, ୟା'କୁ ତ ସେ ଭାଙ୍ଗିନି..''। ବୋଉ କହେ ଆଈ ହାତ ଛଡା ଆଉ କାହା ହାତରୁ ଅଜା କାଳେ ପାନ ଖାଆନ୍ତି ନାହିଁ। ଆଈ ମୋର ଭାରି ସୁନ୍ଦରୀ। ଦେଖିବା ଲୋକ ଘଡିଏ ଚାହିଁବ। ଆଉ ତାକୁ ନ ଜାଣି ଥିବା ଲୋକେ ତା' ବୟସ କଳନା କରିବା ଅସମ୍ଭବ ଅଟେ। ହେଲେ ଅଜାଙ୍କର ଚନ୍ଦା ମୁଣ୍ଡକୁ ଅନ୍ତଲ ପେଟ ଯୋଗୁ ତା' ଠାରୁ ଦିଶନ୍ତି ଢେର୍ ବଡ଼। ସେଦିନ ବୁଲା ବିକାଳୀଟିଏ ହରେକ ମାଲ୍ ଡାକି ଡାକି ଯାଉଥାଏ। ଆଈ ସହିତ ମୁଁ ଠିଆ ହୋଇଥିଲି। କେତେଗୁଡିଏ ଚିଜ କିଣି ସାରି ଆଈ, ବିକାଳୀକୁ ଦର ପଚାରିଲା ବେଳେ, ସେ କହିଲା, ''କୋଡ଼ିଏ ଟଙ୍କା ଦିଅ ନାନୀ..'' ଆଈ ଠାରି ଦେଲେ ଅଜାଙ୍କୁ.. ଅଜା ଅଣ୍ଟାରେ ମୋଡି ରଖିଥିବା ଦୁଇଟି ଦଶ ଟଙ୍କିଆ କାଢି, ବଢେଇ ଦେଲେ। ବିକାଳୀ କହିଲା, ''ଏ ନୋଟ ଚଳିବନି ମଉସା..'' ଚିହିଙ୍କି ଉଠିଲା ଆଈ, କହିଲା ''କାହାକୁ ମଉସା ଡାକୁଛୁରେ, ସିଏ ଆମ ଲୋକ..'' ଟିକେ ଶଙ୍କି ଗଲା ବିକାଳୀ, ଆଉ କିଛି ନ କହି ନିଜ ଟଙ୍କା ଧରି ଚାଲିଗଲା। ସେ ଦିନ ସାରା ଅଜାଙ୍କ ହସ ଓ ଆଈର ଚିଡି ଚିଡି ହୋଇ ଗାଳି, ଲାଗି ରହିଥିଲା। ଆଜି ଏଇ କଥା ମନେ ପଡ଼ିଲା ବରହମପୁରର ରାମ ଲିଙ୍ଗମ ଛକରେ ଥିବା ପାନ ଦୋକାନୀକୁ ଦେଖି। ନିଇତି ସଞ୍ଜ ହେଲେ ସେ ସେଇ ଛକରେ ଠେଲାଟିଏ ଲଗାଏ। ପ୍ରାୟ ଚାଳିଶ ପଚାଶ ପ୍ରକାରର ମସଲା ସେ ରଖିଛି। ଆଉ ପାନ ଭାଙ୍ଗି ତା' ଉପରେ ଟୁଥ ପିକ୍ ଲଗାଇ ଗୋଟିଏ ଚେରୀ ଖୋସି ଦେଇ ବୁଡେଇ ଦିଏ ପାଖରେ ରଖିଥିବା ବିଭିନ୍ନ ରକମର ଚଟଣୀରେ। ମୁଁ ପ୍ରଥମ ଥର ତା' ନିକଟକୁ ଯାଇଚି, ଦେଖିଲି ଜଣକ ସଙ୍ଗେ ଖୁସି ରେ ଗପି ଗପି ସେ ମନା କରିବା ସତ୍ତ୍ୱେ, ତାଙ୍କ ହାତକୁ ପାନଟିଏ ଚଟଣୀରେ ବୁଡାଇ ବଢେଇ ଦେଲା। ହେଲେ ଆମ ପାଇଁ ଆଗରୁ ଭାଙ୍ଗି ଜରିରେ ପୁରାଇ ଥିବା ପାନ ଜରିଟି ବଢାଇଲା। କହିଲି, ''ତାଙ୍କୁ ଯେମିତି ଦେଲ, ସେମିତି ଟିକେ ଏଇ ଚଟଣୀରେ ବୁଡେଇ କରି ଦେଉନ..''। ସେ ସଂଗେ ସଂଗେ ବିରକ୍ତିକର ମୁହଁ କରି କହିଲା ''ହେଁ.. ସେ ଆମଲୋକ.. ତାଙ୍କୁ ଦେଲି ଯେ କ'ଣ ତୁମକୁ ଦେବି!'' ''ଆଚ୍ଛା ସେ ତମ ଲୋକ..'' ଏହା କହି ହସି ଦେଲି ଓ ପାନ ଜରିଟି ଧରି ଚାଲି ଆସିଲି। ଭାବୁଥିଲି, ପାନ ସହ ଏଇ ଆମଲୋକମାନଙ୍କର ତ ବେଶ୍ ନିବିଡତା! ଆଜି କାଲି ବରହମପୁର ଗଲେ, ରାତିରେ ପାନ ଖାଇବାଟା ଏକ ପ୍ରକାର ନିଶ୍ଚିତ। ତେଣୁ ଶ୍ରୀନୁର ବିନା ଗୁଆରେ ଦଶ ଟଙ୍କିଆ ମିଠା ପାନ ପାଇଁ ଆମେ ଯାଇ ତା ପାଖରେ ଛିଡା ହଉ। ଏବେ କିନ୍ତୁ ସେ ଆମକୁ ଦେଖୁ ଦେଖୁ ହସି ହସି ଚଟଣୀରେ ବୁଡେଇ ପାନ ଦୁଇ ଖଣ୍ଡ ବଢେଇ ଦିଏ ହାତକୁ। ବୋଧହୁଏ ତା'ର ''ଆମ ଲୋକ'' ର ଛୋଟ ପରିଧିଟି ଭିତରେ ସେ ଆମକୁ ସାମିଲ କରି ସାରିଥିଲା!

–କଳିଙ୍ଗ ନଗର, ଭୁବନେଶ୍ୱର
ମୋ: ୯୪୩୭୪ ୫୩୬୧୦



# ଫାଶ

–ତୃପ୍ତି ରଞ୍ଜନ ଦାସ

ଗୋଟିଏ କାଗଜ ଛାତିରେ
ଆମେ ଦୁହେଁ ଦୁଇଟି ବିନ୍ଦୁ

ସେ କାଗଜର ଦୈର୍ଘ୍ୟ ପ୍ରସ୍ଥ
ଲମ୍ବିଛି ଛାୟାପଥ ଯାଏ
ଆମେ ଦୁହେଁ ଦୁହିଁଙ୍କଠାରୁ
ଅନେକ ଆଲୋକ ବର୍ଷ ଦୂରରେ

ଏ ଦେହ କ୍ଷୁଦ୍ରରୁ କ୍ଷୁଦ୍ର କଣିକା ପାଲଟି
ଗଲାବେଳେ
ମୁଁ କାହିଁକି ଥରି ଉଠେ
ତୁମେ ବିଜୁଳୀରେ ଚମକିଲେ

ମୁଁ କାହିଁକି ବୁଝି ନିଏ
ଗୋଟିଏ ଅପହଞ୍ଚ ତାରାର ଉତ୍ତାପ
ତୁମେ ଆଖି ମୁଦିନେବା ବେଳେ

କାହିଁକି ଆମେ
ଏତେ ଦୂରରେ ଥାଇବି
ଖୁବ୍ ନିକଟରେ !!

–କାଦୁଅପଡ଼ା, ଜଗତସିଂହପୁର
ମୋ:୮୨୪୯୩୫୭୨୭୨

# କ୍ଷମତା

–ଶଶଧର ପତି

ଏକ ନିଜସ୍ୱ ଆଶାର
ଅସରନ୍ତି ସ୍ୱପ୍ନର ଇଲାକା
ଯେଉଁଠି କେବଳ ଥାଏ
ଆଶା ହିଁ ଆଶା ।
କ୍ଷମତା
ଅହଙ୍କାରର ବିଶାଳ ପାଚେରୀ
ନା କିଏ ଡେଇଁପାରେ, ନା କିଏ
ଭାଙ୍ଗିପାରେ ତା ନିଃଶ୍ୱାସର
ଉଷୁମ୍ ପଣକୁ।
କ୍ଷମତା
ତଳ ପାହାଚର ନିରାଶାଯୁକ୍ତ
ଲୋକଟି ପାଇଁ, ଯନ୍ତ୍ରଣାର
ମେସିନ୍‌ଟିଏ, କେବେ ସେ ବଜ୍ରରୂପୀ
ଶବ୍ଦଟିଏ ।
କ୍ଷମତା
ବୀରତ୍ୱର ପୌରୁଷ ରୂପଟିଏ
କେବେ ସେ ଚଣ୍ଡୀ ରୁପିଣୀ
ଅଦୃଶ୍ୟ ଶକ୍ତିଟିଏ,
କେବେ ସେ ପାଷାଣ ହୃଦୟର
ବିରାଟ ଶିଳା ଖଣ୍ଡଟିଏ ।
କ୍ଷମତା
ଏକ କୁହୁଳୁଥିବା କଳା ଅଙ୍ଗାର
ଯିଏ ଜଳୁଥାଏ, ଜାଳୁଥାଏ
ହରାଇଥାଏ, ହାରୁଥାଏ
କ୍ଷମତାର ବୋଝକୁ
ଧୂଳି ଝଡ଼ ଭିତରେ
ଓଟପରି ବୋହୁଥାଏ ।

– ମଲ୍ଲିକାପୁର, ଅହିୟାସ,ଯାଜପୁର
ମୋ:୯୪୩୭୯୦୩୩୩୧

# ବୋଲ୍ଡ ଶଟ୍ ପାଇଁ ପ୍ରସ୍ତୁତି


ଜାହ୍ନବୀ

ବୋନି ତନୟା ଜାହ୍ନବୀଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ସେ ଏବେ ଟେନସନ୍‌ରେ ଅଛନ୍ତି। ଏକ ଭୂମିକା ପାଇଁ ତାଙ୍କ ଆଖିରୁ ନିଦ ହଜିଯାଇଛି କହିଲେ ଭୁଲ ହେବ ନାହିଁ। କଥା କ'ଣ କି ନିକଟରେ ସେ ଏକ ନୂଆ ପ୍ରୋଜେକ୍ଟ ସାଇନ୍ କରିଛନ୍ତି। ହେଲେ ସେଥିରେ ଟିକେ କେଁ ରହିଯାଇଛି। ଏହି ଫିଲ୍ମରେ ତାଙ୍କୁ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିବ। ଏଭଳି ବିଷୟକୁ ନେଇ ଜାହ୍ନବୀ କହନ୍ତି, 'ମୋର ଏଭଳି ଶଟ୍‌କୁ ନେଇ ଚାରିଆଡେ ଚର୍ଚ୍ଚା ଚାଲିଛି। ହେଲେ ଏହାକୁ ନେଇ କ'ଣ ପାଇଁ ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। କୌଣସି ସିନେମାର କାହାଣୀ ଅନୁଯାୟୀ ଦୃଶ୍ୟ ସଂଯୋଜନା କରାଯାଇଥାଏ। ସେହିପରି ଏହି ଫିଲ୍ମରେ କେତୋଟି ବୋଲ୍ଡ ଶଟ୍ ରହିଛି। କିନ୍ତୁ ଏହି ଦାୟିତ୍ୱ ତୁଲାଇବାକୁ ମୋତେ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡିବ। ଜଣେ ଅଭିନେତ୍ରୀ ସବୁବେଳେ ଭିନ୍ନ ଭିନ୍ନ ଚରିତ୍ରରେ ଆସିଲେ ହିଁ ନିଜ ଅଭିନୟ ଦକ୍ଷତା ପ୍ରତିପାଦନ କରିପାରିବ। ଏହି ଫିଲ୍ମରେ ମତେ ଏକ ଡିଫରେଣ୍ଟ କ୍ୟାରେକ୍ଟର ମିଳିଛି। ତାହାକୁ ଦର୍ଶକ କେତେ ଗ୍ରହଣ କରୁଛନ୍ତି ଫିଲ୍ମଟି ରିଲିଜ ହେବାପରେ ହିଁ ଜଣାପଡିବ।' ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ ଏବଂ ପ୍ରାରମ୍ଭିକ କାମ ଚାଲୁ ରହିଛି।

# ପାଖେଇ ଆସୁଛି ଦିନ


'ବୋଉର ହାତ ବାକ୍ସ' ଫିଲ୍ମରେ ଲୋପାମୁଦ୍ରା

ନାରାୟଣ ପତିଙ୍କ ନିର୍ଦ୍ଦେଶନରେ ପ୍ରସ୍ତୁତ ଓଡ଼ିଆ ସିନେମା 'ବୋଉର ହାତ ବାକ୍ସ' ୨୦୨୩ ଜାନୁୟାରୀରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଗାଁରେ ଥିବା ପରିବାର ଓ ସହରରେ ରହୁଥିବା ପୁଅକୁ ନେଇ ଏହାର କାହାଣୀ ଗତିଶୀଳ। ମାଇଲ ମାଇଲ ଦୂର ସହରରେ ରହୁଥିବା ପୁଅ ପ୍ରତି ମା'ର ଥିବା ବାତ୍ସଲ୍ୟ ମମତା ଓ ଅନାବିଳ ପ୍ରେମକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ। କାହାଣୀ ଅନୁସାରେ ପରିବାର ପାଇଁ ସନ୍ତୁଳି ହେଉଥିବା ଚରିତ୍ରଟି ହେଉଛି ବୋଉ। ଓଡିଆ ଘରମାନଙ୍କରେ ପିଲାମାନଙ୍କ ପାଇଁ ସବୁ ବୋଉମାନେ ହାତ ବାକ୍ସ ଗୋଟିଏ ଲେଖାଏଁ ରଖିଥାନ୍ତି । କିନ୍ତୁ ସେଥିରେ କ'ଣ ଥାଏ ତାହା କାହାକୁ ବି ଜଣା ନଥାଏ । କେବେ ପିଲାଙ୍କୁ ଦେଖାଇ ଦେଇନଥିବା ସେ ହାତ ବାକ୍ସ ଭିତରେ ସତରେ କ'ଣ ରହିଥାଏ ତାହା ଏହି ସିନେମାରେ ଦେଖିବାକୁ ମିଳିବ। ଏଥିରେ ବାପା ଚରିତ୍ରରେ ନିର୍ଦ୍ଦେଶକ ନାରାୟଣ ଏବଂ ବୋଉ ଭୂମିକାରେ ଅଭିନୟ କରିଛନ୍ତି ଲୋପାମୁଦ୍ରା ମିଶ୍ର। ଚିତ୍ରଟିର କାହାଣୀ ରଚନା କରିଛନ୍ତି ଡ. ଆରତୀ ପାଇଯୋଶୀ। ଟାଇରୋସନା ଫିଲ୍ମ ପ୍ରଯୋଜିତ ଓ ସଂଜୟ ଦାସ ନିବେଦିତ ଏହି ଫିଲ୍ମର ଗୀତଗୁଡିକୁ ରଚନା କରିଛନ୍ତି ଦେବଦାସ ଛୋଟରାୟ ଏବଂ ମାନଗୋବିନ୍ଦ ବାରିକ, ଯାହାକୁ ସ୍ୱରରେ ସଜାଇଛନ୍ତି କ୍ଷୀତିପ୍ରକାଶ ମହାପାତ୍ର। ବିରଜା ପ୍ରସନ୍ନ କର ଚିତ୍ର ଉତ୍ତୋଳନ କରିଥିବା ବେଳେ ସମ୍ପାଦନା ଦାୟିତ୍ୱ ତୁଲାଇଛନ୍ତି ଚନ୍ଦ୍ରଶେଖର ମିଶ୍ର । ସିନେମାର ମିଡିଆ କ୍ରିଏଟିଭ ହେଡ ରହିଛନ୍ତି ପ୍ରଣୟ ଜେଠୀ।

# ନୋ ରୋମାଣ୍ଟିକ


ରଣବୀର

ରଣବୀର କପୁର ନିକଟରେ ଏଭଳି କଥା କହିଛନ୍ତି, ଯାହାକୁ ନେଇ ତାଙ୍କ ପ୍ରଶଂସକମାନଙ୍କର ମନ ଦୁଃଖ। କେମିତି ବା ଦୁଃଖ ହେବନି କହୁନାହାନ୍ତି ? ଲଭ ରଞ୍ଜନଙ୍କ ଏକ ଅନଟାଇଟଲଡ୍ ଫିଲ୍ମରେ ଆକ୍ଟିଂ କରିବା ପରେ ସେ କହିଛନ୍ତି ଏଣିକି ସେ କୁଆଡେ ଆଉ ରୋମାଣ୍ଟିକ ଭୂମିକାରେ ଅଭିନୟ କରିବେ ନାହିଁ। ଏ ବିଷୟରେ ରଣବୀର କହନ୍ତି, 'ଆଉ ରୋମାଣ୍ଟିକ ରୋଲ୍‌ରେ ମୁହଁ ଦେଖେଇବାର ବୟସ ମୋର ନାହିଁ। କାରଣ ମୋତେ ବୟସ ୪୦ ହେଲାଣି। ତେଣୁ ସେହି ଅନୁସାରେ ହିଁ ଏଣିକି ଚରିତ୍ର ଖୋଜିବାକୁ ପଡିବ। ପରଦା ଉପରେ ରୋମାଣ୍ଟିକ ଭୂମିକାରେ ଅଭିନୟ କରିବା ବହୁତ ହୋଇଗଲା। ଏଣିକି ଭିନ୍ନ ରୋଲ୍‌ରେ ଦେଖାଦେବି। ଲଭ୍ ରଞ୍ଜନଙ୍କ ଏହି ଅନଟାଇଟଲଡ୍ ଫିଲ୍ମଟି ହେବ ମୋର ଶେଷ ରୋମାଣ୍ଟିକ– କମେଡି ଫିଲ୍ମ। ୟା' ପରେ ମୋତେ ରୋଲ୍ ସିଲେକସନ କରିବା ସମୟରେ ଚୁଜି ହେବାକୁ ହିଁ ପଡିବ।' ରଣବୀରଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୭ରେ। ଆଉ ଫିଲ୍ମଟି ଥିଲା ସଞ୍ଜୟ ଲୀଲା ଭଁସାଲିଙ୍କ 'ସାଓଁରିୟା'। ନିକଟରେ ସେ ଅଭିନୟ କରିଥିବା କରନ୍ ଜୋହରଙ୍କ 'ବ୍ରହ୍ମାସ୍ତ୍ର' ଚଳଚ୍ଚିତ୍ର ଭଲ ବ୍ୟବସାୟ କରିଛି। ଏହାପରେ ରଣବୀର ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ଆହୁରି ବେଶ୍ ସଚେତନ ହୋଇଉଠିଛନ୍ତି।

# ମନେ ପଡେ ପିଲାଦିନ

କିଆରା ଆଡଓ୍ୱାନୀ ଏବେ ନିଜ ପିଲାଦିନକୁ ମନେ ପକାଇ ବେଶ୍ ଖୁସି ହେଉଛନ୍ତି। ସେହି ସମୟକୁ ସେ କଦାପି ଭୁଲି ପାରିବେ ନାହିଁ ବୋଲି ମଧ୍ୟ କହି ବୁଲୁଛନ୍ତି। ଅସଲ କଥା ହେଲା ପିଲାଦିନେ ଡ୍ୟାନ୍ସ ପ୍ରତି ତାଙ୍କର ଅଧିକ ଆଗ୍ରହ ଥିଲା। ଚଳଚ୍ଚିତ୍ର ଗୀତର ତାଳେ ତାଳେ ସେ ନାଚୁଥିଲେ। ହେଲେ ଜଣେ ଅଭିନେତାଙ୍କ ନୃତ୍ୟ ତାଙ୍କୁ ବେଶୀ ପ୍ରଭାବିତ କରିଥିଲା। ସେ କିଏ ଜାଣନ୍ତି ? ଗୋବିନ୍ଦା। ଗୋବିନ୍ଦା ନାଚିଥିବା ଗୀତଗୁଡିକୁ ଦେଖି, ପୁଣି ତାହା ସହ ଷ୍ଟେପ୍ ମିଶାଇ ନାଚିବାକୁ ବେଶି ଭଲ ପାଉଥିଲେ। ଏ ନେଇ କିଆରା କହନ୍ତି, 'ଗୋବିନ୍ଦା ହେଉଛନ୍ତି ମୋ ମନ ପସନ୍ଦର ଅଭିନେତା। ପିଲାଟି ଦିନରୁ ମୁଁ ତାଙ୍କ ଗୀତର ତାଳେ ତାଳେ ନାଚି ଆସୁଛି। ଏବେ ବି ତାଙ୍କର ଡ୍ୟାନ୍ସ ଷ୍ଟେପ୍‌ଗୁଡିକୁ ମୁଁ ଫଲୋ କରିଥାଏ।' ଏହାବାଦ୍ କିଆରା ଆହୁରି ମଧ୍ୟ କୁହନ୍ତି,' ମୁଁ ଯେତେବେଳେ ପାଠ ପଢୁଥିଲି ସେତେବେଳେ ମୋ ମା' ସବୁବେଳେ ମୋତେ କହୁଥିଲେ ପାଠପଢ଼ା ଅଧାରୁ କଦାପି ଛାଡିବୁ ନାହିଁ।' ଅତିକମ୍‌ରେ ଗ୍ରାଜୁଏଟ୍ ହେବା ପରେ ଯାହା କରିବୁ। ତେଣୁ ମୁଁ ମୋ ଗ୍ରାଜୁଏସନ୍ ପୁରା କରିଛି।' କିଆରାଙ୍କ ମନ ପସନ୍ଦର ଖାଦ୍ୟ ହେଲା ପିଜା। ସେ ଶପିଂ କରିବା, ସିନେମା ଦେଖିବାକୁ ଭଲ ପାଆନ୍ତି। କିଆରାଙ୍କ ଅଭିନୀତ 'ଗୋବିନ୍ଦା ନାମ ମେରା' ଏବେ ରିଲିଜ ଅପେକ୍ଷାରେ ଅଛି।


କିଆରା

# ଭୂମିଙ୍କ ରୋଲ୍ ମଡେଲ୍

ଭୂମି ପେଦନେକର ବଲିଉଡ୍‌ରେ ନିଜ କ୍ୟାରିୟରକୁ ଧୀରେ ଧୀରେ ଆଗେଇ ନେଉଛନ୍ତି। ହେଲେ ଅଭିନୟ କ୍ଷେତ୍ରରେ ପ୍ରବେଶ କରିବା ପୂର୍ବରୁ ସେ ଜଣଙ୍କ ଆକ୍ଟିଂରେ ବେଶ୍ ଅନୁପ୍ରାଣିତ ହୋଇଥିଲେ। ସେ ହେଉଛନ୍ତି ଅକ୍ଷୟ କୁମାର। ପୁଣି ଏପରି ସଂଯୋଗ ଯେ, 'ଟୟଲେଟ୍ : ଏକ ପ୍ରେମ କଥା'ରେ ସେ ଅକ୍ଷୟଙ୍କର ନାୟିକା ସାଜିଥିଲେ। ଏଭଳି ସୁଯୋଗ ସମ୍ପର୍କରେ ଭୂମି କହନ୍ତି, 'ପାଠ ପଢ଼ିବା ସମୟରେ ମୁଁ ଅକ୍ଷୟଙ୍କ ଅଭିନୀତ ଅନେକ ସିନେମା ଦେଖିଛି। ତାଙ୍କର ମୁଁ ଜଣେ ବଡ ପ୍ରଶଂସକ। ହେଲେ ତାଙ୍କ ସହ ଦିନେ ମୁଁ ଯେ ଅଭିନୟ କରିବି ତାହା କେବେ କଳ୍ପନା କରି ନ ଥିଲି। ଶୁଟିଂ ଶେଟ୍‌ରେ ତାଙ୍କ ସହ ମିଶିବା ପରେ ମୁଁ ଜାଣିପାରିଲି ସେ ଅଭିନୟରେ ଯେମିତି ଦକ୍ଷ, ମଣିଷଭାବେ ମଧ୍ୟ ସେ ବେଶ୍ ଭଲ। ଅଭିନୟ ସମ୍ପର୍କିତ ଅନେକ ଟିପ୍ସ ସେ ମୋତେ ଦେଇଛନ୍ତି। ମୋଟ ଉପରେ କହିବାକୁ ଗଲେ, ସେ ହେଉଛନ୍ତି ମୋ ରୋଲ୍ ମଡେଲ୍।' ତେବେ ଭୂମି ଆସନ୍ତା ବର୍ଷକୁ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। କାରଣ କ'ଣ ଜାଣନ୍ତି ? ୨୦୨୩ରେ ସେ ଅଭିନୟ କରିଥିବା ପାଞ୍ଚୋଟି ସିନେମା ପରଦା ଉପରକୁ ଆସିବ। ଏହି ଫିଲ୍ମଗୁଡିକ ଭୂମିଙ୍କ ଆକ୍ଟିଂ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ହେବ।


ଭୂମି

# ହଜିଯାଇଛି ନିଦ


ଦୀପିକା

ଦୀପିକା ପାଦୁକୋନ୍‌ଙ୍କ ନିଦ ହଜିଯାଇଛି। ସେ ଏବେ କେବଳ ଗୋଟିଏ କଥା ଭାବୁଛନ୍ତି। ତାହା କ'ଣ ଜାଣନ୍ତି ? କେମିତି ଜାନୁୟାରୀ ୨୫ ତାରିଖ ହେବ। ହେଲେ ସେଦିନ ଏମିତି କ'ଣ ହେବ ଯେ ସେ ସେହି ତାରିଖକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଅସଲ କଥା ହେଲା, ଏହି ଦିନ ସେ ଅଭିନୟ କରିଥିବା 'ପଠାନ୍' ରିଲିଜ୍ ହେବ। ଫିଲ୍ମଟି କେବେ ପରଦା ଉପରକୁ ଆସିବ ଆଉ ତାଙ୍କ ଅଭିନୟକୁ ଦର୍ଶକ ଦେଖିବେ–ଏକଥା ଭାବି ଭାବି ତାଙ୍କୁ ନିଦ ହେଉନି। ଏ ସମ୍ପର୍କରେ ଦୀପିକା କହନ୍ତି, 'ମୁଁ ବେଶ୍ ଆଗ୍ରହର ସହ ଜାନୁୟାରୀ ୨୫କୁ ଅପେକ୍ଷା କରିଛି। କାରଣ ଯେଉଁ ଫିଲ୍ମର ସଫଳତାକୁ ନେଇ ମୁଁ ଆଶାବାଦୀ ତାହା ଏହି ଦିନ ରିଲିଜ ହେବ। ଏଥିରେ ଦର୍ଶକ ମୋତେ ଏକ ନୂଆ ଗ୍ଲାମର ଅବତାରରେ ଦେଖିବାକୁ ପାଇବେ। ହେଲେ ସେହି ରୋଲ୍ ବିଷୟରେ ଏବେଠାରୁ କିଛି କହିବା ଠିକ୍ ହେବ ନାହିଁ। କାରଣ ତାହା ସିକ୍ରେଟ ରହିବା ହିଁ ଭଲ। ଦର୍ଶକ ଦେଖିବା ପରେ ଯାହା ମତ ଦେବେ ତାହାକୁ ଗ୍ରହଣ କରିବି।' ଯଶରାଜ ଫିଲ୍ମ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମଟିର ପ୍ରଯୋଜନା ଆଦିତ୍ୟ ଚୋପ୍ରା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ସିଦ୍ଧାର୍ଥ ଆନନ୍ଦ। ଏଥିରେ ଦୀପିକାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଶାହରୁଖ ଖାଁ। ଜନ୍ ଆବ୍ରାହମଙ୍କୁ ମଧ୍ୟ ଉକ୍ତ ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ ବନ୍ଧକ ଜମି ମୁକୁଳାଇଥିଲି



## କାବ୍ୟସାରଥି ପବନି ଜେନା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମଣିଷ ତା' ଜୀବନର ଗତିପଥରେ ଉତ୍ଥାନପତନ ଦେଇ ଗଡ୍ଡାଳିକା ନ୍ୟାୟରେ ଗଡ଼ି ଚାଲିଥାଏ ଅବିଶ୍ରାନ୍ତ ଭାବରେ। ମୋ ଜୀବନର ଗତିପଥ ସେଥିରୁ ବାଦ୍ ପଡ଼ନ୍ତା ବା କିପରି! କଟକ ଜିଲା ବାଙ୍କୀ ସବ୍‌ଡିଭିଜନ ଅନ୍ତର୍ଗତ ଢ଼ଁସର ଗ୍ରାମର ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରି କୌଣସି ମତେ ଜୀବନ ପ୍ରବାହକୁ ଗତିଶୀଳ କରିବାର ପ୍ରୟାସ ଜାରି ରଖି ମାଟ୍ରିକ ପରୀକ୍ଷା ଦେବାପାଇଁ ସମର୍ଥ ହୋଇଥିଲି। ୧୯୬୮ ମସିହାରେ ମାଟ୍ରିକରେ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ଆଗକୁ ବଢ଼ିବା ପାଇଁ ମନରେ ପ୍ରବଳ ଆଗ୍ରହ ଥିଲେ ମଧ୍ୟ କଲେଜରେ ପଢ଼ିବା ପାଇଁ ଆର୍ଥିକ ସଙ୍କଟ ବାଧା ସୃଷ୍ଟି କରିଥିଲା। ମୋର ଆଗ୍ରହ ଦେଖି ବାପା ଆମର ଥିବା ୧୨ଗୁଣ୍ଠ ଜମିକୁ ୫୦୦ଟଙ୍କାରେ ବନ୍ଧକ ରଖି ବାଙ୍କୀ କଲେଜକୁ ଯିବାଆସିବା କରିବାକୁ ମୋ ପାଇଁ ସାଇକେଲଟିଏ କିଣି ଦେଇଥିଲେ। ଯେହେତୁ କଲେଜରେ ମୋର ନାମଲେଖା ଫିସ୍ ଛାଡ଼ ହୋଇଯାଇଥାଏ ତଥାପି ପ୍ରି-ପ୍ରଫେସନାଲ୍ (ବିଜ୍ଞାନ) ପର୍ଯ୍ୟନ୍ତ ପଢ଼ିବା ପାଇଁ ଏହା ମୋତେ ସହାୟତା କରିଥିଲା। ଆଗକୁ ଆଉ ପଢିବାକୁ କିଛି ବାଟ ନ ଥିଲା! ତେଣୁ ସେଉଠୁ ପାଠପଢ଼ାରେ ଡୋରି ବାନ୍ଧି ପେଟପାଟଣା ପାଇଁ କିଛି ବେପାର ବଣିଜ କରିବାକୁ ସ୍ଥିର କଲାବେଳେ ମୋର ଜଣେ ଘନିଷ୍ଠ ବନ୍ଧୁ ତାଙ୍କ ସ୍କଲାରଶିପ ଟଙ୍କାରୁ ୨୫୦ଟଙ୍କା ଦେଇ ଆଶ୍ୱାସନା ଦେଇଥିଲେ ''ଏତିକି ଯଦି ତୋର କାମରେ ଆସିବ ତେବେ ତୁ ଆଗେଇଯା।'' ସେହି ଟଙ୍କାରେ ଗୋଟେ ଛୋଟକାଟର ତେଜରାତି ଦୋକାନ କରି ସେଥିରୁ ପରିବାରର ଗୁଜୁରାଣ କେତେକ ପରିମାଣରେ ମେଣ୍ଟାଇବା ପାଇଁ ସମର୍ଥ ହେଲି। ଦୋକାନ ଚାଲିଥାଏ, ବାପାଙ୍କୁ ଦୋକାନରେ ବସାଇ ମୁଁ ପୁନଶ୍ଚ କଲେଜରେ ନାମ ଲେଖାଇ ସେହି ଦୋକାନର ରୋଜଗାର ସହାୟତାରେ ଏବଂ କଲେଜର ନାମଲେଖା ଫିସ୍ ଛାଡ଼ ସହାୟତାରେ ଏମ୍.ଏ.(ଓଡ଼ିଆ) ପର୍ଯ୍ୟନ୍ତ ପଢ଼ିଥିଲି। ୧୯୭୬ରେ ଏମ୍.ଏ.ରେ ୨ୟ ଶ୍ରେଣୀରେ ପାସ୍ କଲାପରେ ଅଧ୍ୟାପକଟିଏ ହେବାପାଇଁ କେତେକ କଲେଜ ସିଲେକ୍ସନ ବୋର୍ଡ କମିଟିର ଦ୍ୱାରସ୍ଥ ହୋଇ ମଧ୍ୟ ସଫଳ ହୋଇପାରି ନ ଥିଲି। କାରଣ କଲେଜକୁ କିଛି ଅନୁଦାନ ଦେବା ପାଇଁ ଅସମର୍ଥ ଥିଲି। ନୈରାଶ୍ୟର ପାହାଡ଼ ତଳେ ମଥା ପିଟି ଲୁଚେଇ ଲୁଚେଇ ଅନେକ ଲୁହ ଢାଳିଲି, ଅନେକ ମନସ୍ତାପ କଲି। ସେହି ସମୟରେ ଆମ ବାଙ୍କୀ ଅଞ୍ଚଳରେ ଚକବନ୍ଦୀ ଚାଲିଥାଏ। ଆଗକୁ ପଛକୁ ବିଚାର ନ କରି ଗୋଟିଏ ପିଟିସନ୍ ରାଇଟର୍ ପାଇଁ ଦରଖାସ୍ତ କଲି। ଜମି ମାଲିକ ଓ ଜମିର ରେକର୍ଡ ସମ୍ପର୍କରେ ବାପାଙ୍କଠାରୁ କିଛି ଜ୍ଞାନ ଅର୍ଜନ କରିଥାଏ। ତେଣୁ ପିଟିସନ୍ ରାଇଟର୍ ହିସାବରେ ଜମି ମାଲିକଙ୍କର ଭୁଲ୍ ଭଟକା ଥିବା ରେକର୍ଡର ସଂଶୋଧନ ପାଇଁ ଫର୍ମ ପୂରଣ କରି ଫର୍ମ ପିଛା ୧ଟଙ୍କା ହିସାବରେ ପ୍ରାୟ ୧ମାସ ଭିତରେ ୧୫୦୦ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାର କରିବାରେ ସମର୍ଥ ହେଲି। ଏମ୍.ଏ. ପଢ଼ିବା ସମୟରୁ ଆମ ଦୋକାନଟି ବନ୍ଦ ହୋଇଯାଇଥାଏ। ତେଣୁ ବାପାଙ୍କ ସହ ପରାମର୍ଶ କରି ପ୍ରଥମେ ମୋର ପାଠପଢ଼ା ପାଇଁ ବନ୍ଧକ ପଡ଼ିଥିବା ଜମିକୁ ମୁକୁଳେଇଥିଲି; ଯେଉଁ ଜମି ଖଣ୍ଡକ ଆମର ଭାତହାଣ୍ଡି ଥିଲା ଓ ପିଲାବେଳେ ଅନେକ ସମୟରେ ଘରେ ଭାତ ନ ଥିଲେ ସେହି ଜମିଜାତ ଚଣା ସିଝା ଖାଇ ପେଟର ଭୋକ ମାରୁଥିଲୁ। ସେହି ଜମିକୁ ମୁକୁଳେଇ ନିଜ ଅଧୀନକୁ ଆଣିବା ପରେ ମନରେ ଯେଉଁ ଆତ୍ମସନ୍ତୋଷ, ଆତ୍ମବଳ ଓ ଯେଉଁ ପୁଲକ ଜାତ ହୋଇଥିଲା ତାହା ଅବର୍ଣ୍ଣନୀୟ। ପରେ ସେହି ଚକବନ୍ଦୀରେ ଗ୍ରେଡ୍‌ୱାନ ପଦବୀରେ ଯୋଗଦେଇଥିଲି। ପ୍ରଥମ ଥର ଦରମା ପାଇ ଖୁସି ଲାଗିଥିଲା କିନ୍ତୁ ସେ ୧୫୦୦ଟଙ୍କା ତୁଳନାରେ ବେଶି ନୁହେଁ!

# ହସରୁ ଆରମ୍ଭ ହସରେ ଶେଷ, ସେଥିରୁ ଝରୁଛି ପ୍ରେମର ରସ

**ପ୍ରଶ୍ନ**–ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ହେଲେ ମୋ ଆଖିରେ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ଏହି ସମୟରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ? –*ତପନ, ବ୍ରହ୍ମପୁର*

**ଉତ୍ତର :** ସେହି ସୁନ୍ଦରୀର ଲାଜଭରା ଚାହାଣୀରେ ପ୍ରେମ ଲୁଚି ରହିଛି। କିନ୍ତୁ ସେହି ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି ? ହୁଏତ ଡେରି ହେଲେ ଚାନ୍ସଟା ଆଉ କିଏ ମାରିନେଇପାରେ ! ପୁଣି କହୁଛନ୍ତି ଯେ, ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। 'ହସରୁ ଆରମ୍ଭ ହସରେ ଶେଷ, ସେଥିରୁ ଝରୁଛି ପ୍ରେମର ରସ'। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**–ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲି ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି। –*ପ୍ରଭାତ ରାଉତ, କଟକ*

**ଉତ୍ତର :** ଏପରି ପ୍ରେମ ଆରମ୍ଭ କରିବା ପୂର୍ବରୁ ପରସ୍ପର ମଧ୍ୟରେ ବୟସର ପାର୍ଥକ୍ୟ କେତେ ଦେଖି ନିଅନ୍ତୁ। ନ ହେଲେ ପରବର୍ତ୍ତୀ ସମୟରେ ଏହା ଏକ ପ୍ରମୁଖ ସମସ୍ୟା ହୋଇ ଠିଆ ହୋଇପାରେ। ଏପରି ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ ରହିଥାଏ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ? –*ଅବିନାଶ ଦାସ, ନୂଆପଡା*

**ଉତ୍ତର :** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ? –*ତନ୍ମୟ ସାହୁ, ବଲାଙ୍ଗୀର*

**ଉତ୍ତର :** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ତାକୁ ମୁଁ ଭୁଲି ପାରୁନି। ମୁଁ ଯଦି ପୁଣି ଥରେ ମୋ ନୂଆ ପ୍ରେମ ଆରମ୍ଭ କରେ ତାହା ଠିକ୍ ହେବ ତ ? –*ନରେଶ ମହାନ୍ତି, କେନ୍ଦ୍ରାପଡା*

**ଉତ୍ତର :** ପ୍ରେମରେ ଧୋକା ଖାଇବା ପରେ ତାହାକୁ ମନେ ରଖିବା ହିଁ ବୋକାମୀ। କାରଣ ଯେତେ ମନେ ପକାଇବେ ତାହା ଆପଣଙ୍କ ମନକୁ ସେତେ ଆଘାତ ଦେବ। ଯଦି ନୂଆ ପ୍ରେମ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ୍ କରିଛନ୍ତି ତେବେ ପ୍ରଥମେ ତାହାର ମୂଳଦୂଆ ଦୃଢ଼ କରନ୍ତୁ; ଯେମିତି ନୂଆ ପ୍ରେମିକା ଆଉ ଆପଣଙ୍କୁ ଧୋକା ଦେବାକୁ ଚିନ୍ତା ବି କରିବନି। ବରଂ ବେଶୀ ଭଲ ପାଇବ।





# ଅଜବ ଷ୍ଟୁଲ୍

**ବସିବା ପାଇଁ ଚେୟାର ଭଳି ଷ୍ଟୁଲ୍‌ର ବି ଆବଶ୍ୟକତା ରହିଛି। ହେଲେ ଅନେକ ସମୟରେ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଇ ନ ଥାଏ। ତେବେ ଆମେ ଏଠାରେ ଏମିତି କିଛି ଷ୍ଟୁଲ୍ ସମ୍ପର୍କରେ କହିବୁ, ଯାହା ଦେଖିବାକୁ ଏତେ ଭିନ୍ନ ଓ ଆକର୍ଷକ ଯେ ଏଇଥିରୁ ଗୋଟିଏ ଘରେ ରଖିବାକୁ ନିଶ୍ଚୟ ଚାହିଁବେ...**

**ହ୍ୟାଣ୍ଡ ଷ୍ଟୁଲ:** ହାତ ଆକାରର ଏହି ଷ୍ଟୁଲ୍ ଦେଖିବାକୁ ବେଶ୍ ଅଜବ ଓ କୁଲ୍। ଏହା ଉପରେ ବସିଲେ ଲାଗିବ ଯେମିତି କାହା ହାତ ପାପୁଲିରେ ବସିଛନ୍ତି। ଶକ୍ତ ଏବିଏସ୍ ପ୍ଲାଷ୍ଟିକ୍‌ରେ ନିର୍ମିତ ଉକ୍ତ ଷ୍ଟୁଲ୍‌କୁ ଲିଭିଂ ରୁମ୍‌ର ସେଣ୍ଟର ପିସ୍‌ଭାବେ ବ୍ୟବହାର କରିପାରିବେ। ତା'ଛଡା ଗାର୍ଡେନ୍‌ରେ ବି ଏହାକୁ ରଖି ବଗିଚାର ଲୁକ୍‌କୁ ବଦଳାଇପାରିବେ।

**ସ୍ନେକ୍ ବାର୍ ଷ୍ଟୁଲ୍:** ଡିଜାଇନର୍ ସ୍ୱିଲୋନ୍ ଗମୋଲୋଭ୍‌ଙ୍କ ଦ୍ୱାରା ନିର୍ମିତ ଏହି ଷ୍ଟୁଲ୍ ଦେଖିବାକୁ ସାପ ପରି। ଲାଗେ ସତେ ଯେମିତି ଏକ ସାପ ଫଣା ଟେକି ଦଂଶିବାକୁ ପ୍ରସ୍ତୁତ ଅଛି।

**ଟୁଥ୍ ଷ୍ଟୁଲ:** ଡିଜାଇନର୍ ଫିଲିପ୍ ଷ୍ଟାର୍କ ଏହି ଷ୍ଟୁଲ୍‌କୁ ଡିଜାଇନ୍ କରିଥିଲେ। ଦାନ୍ତ ପରି ଦେଖିବାକୁ ଉକ୍ତ ଷ୍ଟୁଲ୍‌କୁ ସେ ଲଣ୍ଡନର ସେଣ୍ଟ ମାର୍ଟିନ୍ସ ଲେନ୍‌ସ୍ଥ ଏକ ହୋଟେଲ ପାଇଁ ତିଆରି କରାଯାଇଥିଲା।

**କନକୋର୍ଡ ଷ୍ଟୁଲ୍:** କରିମ ରଶିଦ୍‌ଙ୍କ ଦ୍ୱାରା ଡିଜାଇନ କରାଯାଇଥିବା ଏହି ଷ୍ଟୁଲ୍ ଏକ ଇଟାଲୀୟ କମ୍ପାନୀ ପାଇଁ ତିଆରି କରାଯାଇଥିଲା। ପଲିଏଥିଲିନ୍‌ରେ ନିର୍ମିତ ଉକ୍ତ ଷ୍ଟୁଲ୍‌କୁ ଇଣ୍ଟେରିୟର୍ ଫର୍ନିଶିଂ ସହିତ ଆଉଟଡୋର୍ ପାଇଁ ମଧ୍ୟ ବ୍ୟବହାର କରିହେବ। ଏହାକୁ ନେବା ଆଣିବା କରିବା ବହୁତ ସହଜ।

**ହାମବର୍ଗର୍ ଷ୍ଟୁଲ୍:** ବର୍ଗର୍ ପସନ୍ଦ ଲୋକଙ୍କୁ ଏଇ ଷ୍ଟୁଲ୍ ନିଶ୍ଚିତଭାବେ ଭଲ ଲାଗିବ। ଦେଖିବାକୁ ବେଶ୍ ଆକର୍ଷକ ଏଇ ଷ୍ଟୁଲ୍ ସତସତିକା ବର୍ଗର ପରି ଲାଗେ। ହେଲେ ଏହାକୁ ଖାଇହେବନି। ବରଂ ଆରାମରେ ବସି ହେବ।

**ଫ୍ରୁଟ୍ ଷ୍ଟୁଲ୍:** ଏହି ଷ୍ଟୁଲ୍ ଦେଖିବାକୁ ତରଭୁଜ, କମଳା, ଲେମ୍ବୁ ପରି । ପିଲାଙ୍କ ରୁମ୍ ପାଇଁ ଏହାକୁ ବ୍ୟବହାର କରିହେବ।


**କର୍ନ ଷ୍ଟୁଲ୍:** କର୍ନ ବା ମକା ପରି ଦେଖିବାକୁ ଉକ୍ତ ଷ୍ଟୁଲ୍ ଏତେ ଜୀବନ୍ତ ଯେ, ଏହାର କିଛି ଅଂଶକୁ କେହି ଖାଇଲା ପରି ଲାଗେ। ଘରେ ଏହାକୁ ରଖିଲେ ଘରର ଲୁକ୍ ବଦଳିଯିବ।

**ଲେଡି ଲେଗ୍ ଷ୍ଟୁଲ୍:** ଏହି ଷ୍ଟୁଲ୍‌କୁ ଖାସ୍ କରି ବାର୍ ପାଇଁ ଡିଜାଇନ୍ କରାଯାଇଛି। ଯୁବତୀଙ୍କର ସେକ୍ସି ଗୋଡ଼ ପରି ଦେଖିବାକୁ ଏଇ ଷ୍ଟୁଲ୍ ସତରେ ଭାରି ଅଜବ।

















# ମଡେଲ ମିରର୍



କଳ୍ପନା

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ୍ ଭିଲ୍ଲା

## ହାଃ ହାଃ

### ଗଜଲ

ଯୁବକ ଜଣେ ଯୁବତୀଙ୍କୁ ଦେଖି ଏକ ଗୀତ ଗାଇ କହିଲେ: ଶବ୍ଦ ମୋର, ଗୀତ ମୋର, ଗଜଲ ଗାଇ ଶୁଣାଇବି କି?
ଏହା ଶୁଣି ଯୁବତୀ: ହାତ ମୋର, ଚପଲ ମୋର, କାନ ତଳେ ବଜେଇବି କି?

### ରୋଷେଇ


ମିନୁ ସ୍ୱାମୀଙ୍କୁ: ହେଇଟି ଶୁଣୁଛ ବାହାଘର ପୂର୍ବରୁ ମୁଁ ଯେତେବେଳେ ରୋଷେଇ କରି ଆଣୁଥିଲି ତମେ ମତେ ବେଶି ଖୁଆଉଥିଲ, ଆଉ ନିଜେ କମ୍ ଖାଉଥିଲ। ହେଲେ ଏବେ ମତେ ନ ଦେଇ ନିଜେ ଖାଇଦଉଛ କାହିଁକି?
ସ୍ୱାମୀ: ସେତେବେଳେ ତମକୁ ରୋଷେଇ ଆସୁ ନ ଥିଲା, ହେଲେ ଏବେ ଆସିଲାଣି। ସେଥିପାଇଁ।


### ଅପରେସନ

ମନୋଜ ରାଜୁକୁ: ଆରେ ତୋର ତ ଅପରେସନ ହେବାର ଥିଲା, ତୁ ମେଡିକାଲରୁ ପଳେଇ ଆସିଲୁ କାହିଁକି?
ରାଜୁ: ନର୍ସ ବାରମ୍ବାର କହୁଥିଲା ଡରନି, ସାହସ ରଖ, କିଛି ହେବନି, ଏଇଟା ତ ଏକ ଛୋଟ ଅପରେସନ୍।
ମନୋଜ: ଏଥିରେ ଡରିବାର କ'ଣ ଥିଲା। ନର୍ସ ତ ଠିକ କଥା କହୁଥିଲେ।
ରାଜୁ: ଆରେ ନର୍ସ ମତେ ନୁହେଁ, ଡାକ୍ତରଙ୍କୁ ବାରମ୍ବାର କହୁଥିଲା।




# ୱିଣ୍ଟର ହନିମୁନ୍ ଡେଷ୍ଟିନେଶନ





**ଶୀତଦିନେ ବୁଲାବୁଲି କରିବାରେ ଥାଏ ଏକ ନିଆରା ଆନନ୍ଦ। ବିଶେଷକରି ଏହି ସମୟରେ ଯଦି କେହି ନୂଆ ବିବାହ କରିଥାନ୍ତି, ତା'ହେଲେ ହନିମୁନ୍ ଟ୍ରିପ୍‌ରେ ଯିବା ପାଇଁ ସେମାନଙ୍କ ପାଖେ ଥାଏ ଅନେକ ଅପ୍ସନ। କାରଣ ଆମ ଦେଶରେ ଏମିତି ଅନେକ ହନିମୁନ୍ ଡେଷ୍ଟିନେଶନ ରହିଛି; ଯାହାର ଅପୂର୍ବ ଆକର୍ଷଣ ଶୀତଦିନେ ହିଁ ବେଶ୍ ଖାସ୍ ଲାଗେ...**





* **ଉଟି:** ତାମିଲନାଡୁସ୍ଥିତ ଏହା ଏକ ହିଲ୍‌ଷ୍ଟେଶନ। ଏହାକୁ ଅନେକେ ହିଲ୍‌ଷ୍ଟେଶନର ରାଣୀ ବୋଲି ମଧ୍ୟ କହିଥାନ୍ତି। କାରଣ ଭାରତରେ ଯେତେସବୁ ହିଲ୍‌ଷ୍ଟେଶନ ରହିଛି, ତନ୍ମଧ୍ୟରୁ ଉଟିର ସୌନ୍ଦର୍ଯ୍ୟ ନିଆରା। ଏଠାରେ ଦେଖିବାକୁ ମିଳୁଥିବା ବଟାନିକାଲ୍ ଗାର୍ଡେନ, ରୋଜ୍ ଗାର୍ଡେନ, ଉଟି ହ୍ରଦ ତଥା ଦୋଡ୍ଡାବେଟ୍ଟା ଗିରିଶୃଙ୍ଗ ଇତ୍ୟାଦି କେବଳ ସାଧାରଣ ଲୋକଙ୍କୁ ନୁହେଁ, ନବଦମ୍ପତି ତଥା ପ୍ରେମୀଯୁଗଳଙ୍କୁ ବି ଖୁବ୍ ପସନ୍ଦ ଆସିଥାଏ। ସେଥିପାଇଁ ଶୀତଦିନେ ହନିମୁନ୍ ଟ୍ରିପ୍‌ରେ ଯିବା ପାଇଁ ଏହାଠାରୁ ଭଲ ସ୍ଥାନ ଆଉ କ'ଣ ହୋଇପାରେ!

* **ଗୋଆ:** ହନିମୁନ୍ ଡେଷ୍ଟିନେଶନ ଭାବେ ଏହାର ବେଶ୍ ଖ୍ୟାତି ରହିଛି। କାରଣ ଦେଶ ବିଦେଶର ବିଭିନ୍ନ ପ୍ରାନ୍ତରୁ ନବଦମ୍ପତି ଏଠାକୁ ଖାସ୍ ହନିମୁନ୍ ଟ୍ରିପ୍‌ରେ ଆସିବାକୁ ବେଶି ପସନ୍ଦ କରିଥାନ୍ତି। ଏଠାକାର ସୁନେଲି ବେଳାଭୂମିରେ ଦମ୍ପତିମାନେ ପରସ୍ପର ସହ ହାତ ଛନ୍ଦାଛନ୍ଦି ହୋଇ ବୁଲିବାରେ ଯେଉଁ ମଜା ଥାଏ, ତାହାକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। କେବଳ ଦମ୍ପତି କାହିଁକି, ପ୍ରେମିକା-ପ୍ରେମିକଙ୍କ ପାଇଁ ବି ଗୋଆ ହେଉଛି ଏକ ପ୍ରିୟ ସ୍ଥାନ। ଗୋଆକୁ ବର୍ଷର ସବୁ ସମୟରେ ଯିବାର ସୁବିଧା ଥିଲେ ହେଁ ଖାସ୍ ଶୀତଦିନେ ଏଠାରେ ଛୁଟି କଟାଇବାରେ ଥାଏ ନିଆରା ଆନନ୍ଦ।

* **ଜୈସଲମେର୍:** ଶୀତଦିନେ ନବଦମ୍ପତି ଯଦି ହନିମୁନ୍ ଟୁର୍‌ରେ କୁଆଡ଼େ ଯିବା ପାଇଁ ପ୍ଲାନିଂ କରୁଥାନ୍ତି, ତା'ହେଲେ ରାଜସ୍ଥାନସ୍ଥିତ ଜୈସଲମେର୍ ଆଡ଼େ ଥରେ ବୁଲିଯାଆନ୍ତୁ ନା! କାରଣ ଏଠାରେ ବହୁ ଐତିହାସିକ କୀର୍ତ୍ତିରାଜି ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ, ଏଠାକୁ ଆସୁଥିବା ପର୍ଯ୍ୟଟକ ଖାସ୍‌କରି ଦମ୍ପତି ତଥା ପ୍ରେମୀଯୁଗଳ ଜୈସଲମେର୍ ଦୁର୍ଗ ବୁଲି ଦେଖିବା ସହ ଓଟ ପିଠିରେ ବସିବାର ମଜା ମଧ୍ୟ ନେଇପାରିବେ।





* **ମନାଲି:** ଯେଉଁ ଦମ୍ପତି ତୁଷାରପାତର ଶୀତଳ ପରଶରେ ନିଜ ହନିମୁନ ଟ୍ରିପ୍‌କୁ ଉପଭୋଗ କରିବାକୁ ଚାହାନ୍ତି, ସେମାନଙ୍କ ପାଇଁ ହିମାଚଳ ପ୍ରଦେଶସ୍ଥିତ ମନାଲି ଏକ ପର୍‌ଫେକ୍ଟ ଡେଷ୍ଟିନେଶନ ହୋଇଥାଏ। ସେଠାରେ ସେମାନେ ବୁଲିବା ସହ ସ୍କିଂ କରିବା ଏବଂ ସ୍ନୋମ୍ୟାନ୍ ଓ ବରଫରେ ଖେଳିବାର ଭରପୂର ମଜା ମଧ୍ୟ ଉଠାଇପାରିବେ।

* **ଉଦୟପୁର:** ରାଜସ୍ଥାନର ଉଦୟପୁର ବି ଏକ ଲୋକପ୍ରିୟ ହନିମୁନ୍ ଡେଷ୍ଟିନେଶନ, ଯେଉଁଠାରେ ନବଦମ୍ପତି ଅନେକ ଐତିହାସିକ ପର୍ଯ୍ୟଟନସ୍ଥଳ ବୁଲି ଦେଖିବାର ମଜା ନେଇପାରିବେ। ତା'ଛଡ଼ା ଶୀତଦିନେ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଉଦୟପୁରର ବିଭିନ୍ନ ସ୍ଥାନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଦମ୍ପତି ଏହିସବୁ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ଉଦୟପୁରର ପାରମ୍ପରିକ ଖାଦ୍ୟର ନିଆରା ମଜା ନେଇପାରିବେ।


* **ଶିମ୍‌ଲା:** ଏହା ମଧ୍ୟ ଏକ ଲୋକପ୍ରିୟ ରୋମାଣ୍ଟିକ୍ ହନିମୁନ୍ ଡେଷ୍ଟିନେଶନ୍ ଭାବେ ଜଣାଶୁଣା। ବିଶେଷକରି ପର୍ଯ୍ୟଟକମାନେ ତୁଷାରପାତର ଅପୂର୍ବ ଦୃଶ୍ୟ ଦେଖିବାକୁ ଶୀତଦିନେ ଏହି ସ୍ଥାନକୁ ବୁଲିଯିବାକୁ ପ୍ଲାନିଂ କରିଥାନ୍ତି। ଦମ୍ପତି ଚାହିଁଲେ ବି ଶୀତଦିନେ ଏଠାକୁ ଯାଇ ଆଇସ୍ ସ୍କେଟିଂର ମଜା ନେବା ସହ ଶିମ୍‌ଲା ରେଷ୍ଟୁରାଣ୍ଟରେ ରୋମାଣ୍ଟିକ୍ ଡିନର୍‌ର ଅପୂର୍ବ ଆନନ୍ଦ ନେଇପାରିବେ।

* **ପୋନମୁଡ଼ି:** କେରଳ ଥିରୁଭାନନ୍ତପୁରମ୍ ଜିଲାରେ ଅବସ୍ଥିତ ପୋନମୁଡ଼ିର ପ୍ରାକୃତିକ ପରିବେଶ ଏତେ ମନଲୋଭା ଯେ ଏହାକୁ ଅନେକେ କେରଳର କଶ୍ମୀର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି। ତା'ଛଡ଼ା ଏହା ଏକ ଲୋକପ୍ରିୟ ହନିମୁନ୍ ଡେଷ୍ଟିନେଶନ ଭାବେ ବି ଜଣାଶୁଣା। ଜଙ୍ଗଲ ପରିବେଷ୍ଟିତ ଏହି ପାହାଡ଼ିଆ ସ୍ଥାନଟିରେ ଅନେକ ଜଳପ୍ରପାତ ତଥା ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଏବଂ ଶତାଧିକ ପ୍ରଜାତିର ପ୍ରଜାପତି ଦେଖିବାକୁ ମିଳିଥାନ୍ତି। କେବଳ ସେତିକି ନୁହେଁ, ଏହାର ଆଖପାଖରେ ଏମିତି ବି କେତେକ ପର୍ଯ୍ୟଟନସ୍ଥଳ ଅଛି, ଯାହାର ଆକର୍ଷଣରେ ଆକର୍ଷିତ ହୋଇ ଦମ୍ପତି ଶୀତଦିନେ ନିଜ ହନିମୁନ୍ ଟ୍ରିପ୍‌ର ଭରପୂର ମଜା ଉଠାଇପାରିବେ।


କେବଳ ଏତିକି ସ୍ଥାନ ନୁହେଁ, ଦମ୍ପତି ଚାହିଁଲେ ଶୀତଦିନେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଗୁଲ୍‌ମାର୍ଗ, ମୁନ୍ନାର୍, ଗାଙ୍ଗ୍‌ଟକ୍, ପୁଡୁଚେରୀ, ଜୟପୁର, କୋଡାଇ କାନାଲ ଆଦି ସ୍ଥାନକୁ ବି ହନିମୁନ୍ ଟୁର୍‌ରେ ଯାଇ ମଜା ନେଇପାରିବେ।




# ପ୍ରଥମେ ପୁରୁଷ ପିନ୍ଧୁଥିଲେ କାନଫୁଲ



ନାରୀ ଶୃଙ୍ଗାରର ଏକ ମୁଖ୍ୟ ଅଂଶ ହେଉଛି କାନର ଝୁମୁକା ବା କାନଫୁଲ।ହେଲେ ପ୍ରଥମେ ଏହା ନାରୀଙ୍କ ଶୃଙ୍ଗାର ନ ଥିଲା ବରଂ ପୁରୁଷଙ୍କର ଥିଲା ବୋଲି ଇତିହାସ କହେ। ପ୍ରାୟ ୫୦୦୦ ବର୍ଷ ପୂର୍ବେ କାନ ଫୋଡାଇବା ଆରମ୍ଭ ହୋଇଥିବା କୁହାଯାଏ। ୟୁରୋପର ସର୍ବପୁରାତନ ମମି ଓଟ୍‌ଜି, ଯାହାକି ଅଷ୍ଟ୍ରିଆ ଓ ଇଟାଲୀର ସୀମାରୁ ଉଦ୍ଧାର ହୋଇଥିଲା ତା'ର କାନ ଫୋଡାଯାଇଥିବା ଦେଖିବାକୁ ମିଳିଥିଲା। ଫାରୋ ତୁତନଖାମନ୍ ବି କାନଫୋଡାଇଥିବା ତାଙ୍କ ମମିକୁ ଦେଖି ଜାଣିବାକୁ ମିଳିଥିଲା। ହେଲେ ତାଙ୍କ କାନରେ କାନଫୁଲ ନ ଥିଲା। ସେହିପରି ତାଙ୍କ ଡେଥ୍ ମାସ୍କର କାନରେ ବି କଣା ଥିଲା। ଆଉ ସେହି କଣାକୁ ଏକ ଡିସ୍କ ଘୋଡେଇ ରଖିଥିଲା। ଯାହା ଦର୍ଶାଏ କି ଇଜିପ୍ଟରେ କେବଳ ଛୋଟ ପିଲା କାନଫୁଲ ଲଗାଉଥିଲେ। ବଡ ହେଲେ ଲଗାଉ ନ ଥିଲେ। ଷୋଡଶ ଶତାବ୍ଦିରେ କାନ ଫୁଲ ଲଗାଇବା ପଶ୍ଚିମ ୟୁରୋପରେ ପରମ୍ପରା ପାଲଟିଯାଇଥିଲା। ଏହି ସମୟରେ କାନଫୁଲ ନାବିକମାନେ ଅଧିକ






ପିନ୍ଧୁଥିଲେ। ଆଉ ଏହାର ଦୁଇଟି କାରଣ ଥିଲା। ପ୍ରଥମତଃ ସାରା ପୃଥିବୀ ତଥା ଇକ୍ୱେଟରକୁ ସଫଳତାର ସହ ପାର କରିଥିବା ନାବିକଙ୍କର ଏହା ପ୍ରତିକ ଥିଲା। ଦ୍ୱିତୀୟରେ କାନ ଫୋଡାଇବା ଦ୍ୱାରା ଦୃଷ୍ଟିଶକ୍ତି ବଢିଥାଏ ବୋଲି ମଧ୍ୟ ବିଶ୍ୱାସ କରାଯାଉଥିଲା। ସେତେବେଳେ କାନଫୋଡାଇ ସୁନା, ରତ୍ନ ପଥର, ମୋତିର କାନଫୁଲ ଲଗାଇବା ପୁରୁଷଙ୍କର ଫ୍ୟାଶନ ସହ ଷ୍ଟାଟସର ପ୍ରତିକ ପାଲଟିଥିଲା। ଜାପାନର ଆଇନୁ ସମ୍ପ୍ରଦାୟର ଉଭୟ ପୁରୁଷ ଓ ସ୍ତ୍ରୀ ନାକଫୁଲ ପିନ୍ଧିବା ପରମ୍ପରା ଥିଲା। ହେଲେ ଉନବିଂଶ ଶତାବ୍ଦିବେଳକୁ ଜାପାନ ସରକାର ପୁରୁଷମାନେ କାନଫୁଲ ଲଗାଇବା ଉପରେ ନିଷେଧାଦେଶ ଜାରିକରିଥିଲେ। ଫଳରେ କ୍ଲିପ ଅନ ଇୟରିଂ ଟ୍ରେଣ୍ଡ ଆରମ୍ଭ ହୋଇଥିଲା। ୧୯୫୦ ପରେ ଅର୍ଥନୀତିରେ ଉନ୍ନତି ଘଟିଥିଲା। ଆଉ ମହିଳାମାନେ କାନଫୁଲ ଲଗାଇବା ଆରମ୍ଭ ହେଲା। ଏହି ଟ୍ରେଣ୍ଡ ଏତେ ଲୋକପ୍ରିୟ ହେଇଗଲା ଯେ, ୧୯୭୦ ବେଳକୁ କାନଫୋଡାଇବା ପାର୍ଟିର ଆୟୋଜନ ହେଲା। ଯେଉଁଥିରେ ସାଙ୍ଗମାନେ ପରସ୍ପରର କାନକୁ ଛୁଞ୍ଚିରେ ଫୋଡାଉଥିଲେ। ଭାରତରେ ବି କାନ ଫୋଡି ସୁନ୍ଦର କାନ ଫୁଲ ପିନ୍ଧିବା ବହୁ ପୁରାତନ ସମୟରୁ ଆଜିଯାଏ ଅଛି।

**ସ୍ୱାସ୍ଥ୍ୟ ପାଇଁ ଉପକାରୀ:** କାନଫୁଲ କେବଳ ନାରୀର ସୌନ୍ଦର୍ଯ୍ୟ ବଢାଏ ତା' ନୁହେଁ, ଏହା ସ୍ୱାସ୍ଥ୍ୟ ପାଇଁ ବି ଉପକାରୀ। କେବଳ ଆୟୁର୍ବେଦ ନୁହେଁ ପ୍ରାୟ ସବୁ ପୁରାତନ ଚିକିତ୍ସା ପଦ୍ଧତିରେ କାନ ଫୋଡି କାନଫୁଲ ଲଗାଇବାକୁ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି କୁହାଯାଇଛି। କାନ ଫୋଡାଇ ସୁନା କାନଫୁଲ ଲଗାଇବାଦ୍ୱାରା ନାରୀଙ୍କ ପ୍ରଜନନ କ୍ଷମତା ବୃଦ୍ଧି ହେବା ସହ ମାସିକ ଧର୍ମରେ ବି ଏହା ସହାୟକ ହୁଏ ବୋଲି କୁହାଯାଇଛି। ଅକ୍ୟୁପ୍ରେସର୍ ପଦ୍ଧତି କହେ କାନଫଳିରେ ଏମିତି କିଛି ପଏଣ୍ଟ ଅଛି ଯାହା ମସ୍ତିଷ୍କ, କାନ, ନାକ ଓ ଗଳା ସହ ସଂଯୁକ୍ତ। ତେଣୁ କାନ ଫୋଡାଇଲେ ଏସବୁ ଅଙ୍ଗର ବିକାଶ ଘଟେ। ପ୍ରାକୃତିକ ଚାଇନାର ଚିକିତ୍ସା ପଦ୍ଧତିରେ କାନ ଫୋଡାଇବା ପରେ ସୁନାର କାନଫୁଲ ଲଗାଇଲେ ଶରୀରରେ ଉର୍ଜା ଶକ୍ତି ବଢେ ଓ ରୁପା କାନଫୁଲ ଉର୍ଜାକୁ ନିୟନ୍ତ୍ରିତ କରିବାର ସାହାଯ୍ୟ କରେ ବୋଲି କୁହାଯାଇଛି।

# ଆଖିରେ ରଙ୍ଗିନ ଲାଇଟ୍

ନିଜ ଦୁର୍ବଳତାକୁ ଯିଏ ଶକ୍ତିରେ ରୂପାନ୍ତରିତ କରିପାରନ୍ତି ସେ ହିଁ ଆଗକୁ ବଢିପାରନ୍ତି। ସ୍ୱତନ୍ତ୍ର ପରିଚୟ ଗଢିପାରନ୍ତି। ଚାଇନାରେ ରହୁଥିବା ଜଣେ ଯୁବତୀଙ୍କୁ ଏହାର ଜ୍ୱଳନ୍ତ ଉଦାହରଣଭାବେ ନିଆଯାଇପାରେ। ୨୦୧୩ରେ ଶିଆ ତୋଙ୍ଗ ନାମ୍ନୀ ଏହି ୧୮ ବର୍ଷୀୟା ଯୁବତୀଜଣଙ୍କ ଏକ ବଡ ଦୁର୍ଘଟଣାର ଶିକାର ହୋଇଥିଲେ। ଯେଉଁଥିରେ ତାଙ୍କର ଏକ ଆଖି ନଷ୍ଟ ହୋଇଗଲା। ହେଲେ ଏଥିରେ ସେ ଭାଙ୍ଗି ନ ପଡି ଏକ ନକଲି ଆଖି ଲଗାଇଲେ। ସେ କେବେବି ନିଜର ନକଲି ଆଖି ପାଇଁ ଲଜ୍ଜାବୋଧ କରୁ ନ ଥିଲେ। ବରଂ ପରବର୍ତ୍ତୀ ସମୟରେ ସେ ପ୍ରୋସ୍ଥେଟିକ ଆଇ ଟେକ୍‌ନିଶିଆନ୍ ପାଲଟିଗଲେ। ଆଉ ଭିନ୍ନ ଭିନ୍ନ ପ୍ରକାରର ଆଖି ତିଆରି କରିବାକୁ ଲାଗିଲେ। ସେସବୁକୁ ସେ ସୋସିଆଲ ମିଡିଆରେ ଶେୟାର ମଧ୍ୟ କଲେ। ସେ ତିଆରି କରିଥିବା ବିଭିନ୍ନ ପ୍ରକାରର ଆଖି ମଧ୍ୟରେ ତାଙ୍କର ବାୟୋନିକ ଆଖିକୁ ଲୋକେ ବେଶି ପସନ୍ଦ କରନ୍ତି। ଏହି ଆଖିରୁ ଆଲୋକ ନିସୃତ ହୁଏ। ପରେ ସେ ନିଜେ ଏହି ଆଖିରୁ ଏକ ଆଖି ନିଜର ନଷ୍ଟ ହୋଇଯାଇଥିବା ଆଖି ସ୍ଥାନରେ ବି ଲଗାଇଲେ। ଫଳରେ ତାଙ୍କ ଆଖି କ୍ୟାମେରାର ଫ୍ଲାଶ ଲାଇଟ୍ ପରି ଜଳେ। କେବଳ ସେତିକି ନୁହେଁ ଗୋଟିଏ ବଟନ୍ ଚିପିଲେ ତାଙ୍କ ତିଆରି ଏହି ବାୟୋନିକ ଆଖିର ରଙ୍ଗ ଓ ପ୍ୟାଟର୍ନ ବଦଳିଯାଏ। ଶିଆ ତୋଙ୍ଗ କୁହନ୍ତି, 'ମୁଁ ତିଆରି କରିଥିବା ଏହି ଆଖି ଦୁର୍ଘଟଣାରେ ଆଖି ହରାଇଥିବା ଲୋକଙ୍କର ଆତ୍ମବିଶ୍ୱାସ ବଢାଇଥାଏ। ଆଉ ନିଜର ଏହି ଦୁର୍ବଳତାକୁ ସେମାନେ ଫ୍ୟାଶନ ଆକାରରେ ଦେଖାଇପାରନ୍ତି। ଯାହା ମତେ ଖୁସି ଦିଏ।'





## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

# ବୃତ୍ତି ବିସମ୍ବାଦ

ଥରେ ଓଡ଼ିଶାରୁ ଦିଲ୍ଲୀ ଯିବା ବାଟରେ ପାଖ ସିଟ୍‌ରେ ବସିଥା'ନ୍ତି ପଞ୍ଜାବୀ ଭଦ୍ରଲୋକ। କଥାଛଳରେ ଜାଣିବାକୁ ପାଇଲି ସେ ଭୁବନେଶ୍ୱରରେ ମୋଟର ପାର୍ଟ୍ସ ବ୍ୟବସାୟ କରନ୍ତି। ପଞ୍ଜାବରେ ତାଙ୍କ ଗାଁରେ ଥିବା ବାକି ପରିବାର ପାଇଁ ଘର ତିଆରି କରୁଛନ୍ତି । ସେଥିପାଇଁ ଏବେ ପ୍ରାୟ ଦୁଇ ତିନିମାସରେ ଥରେ ପଞ୍ଜାବ ଯାଇ ସବୁ କାମ ଦେଖାରଖା କରିବାକୁ ପଡୁଛି । ମୋର ଉତ୍ସୁକତା ବଢ଼ିଲା । ପଚାରିଲି, ଗୋଟେ କଥା ପଚାରିବି ଯଦି କିଛି ମନେ ନ କରନ୍ତି । ସେ କହିଲେ, ପଚାରନ୍ତୁ । କହିଲି, ଆମେମାନେ ଅଧିକ ରୋଜଗାର ହେଉ କି ଶସ୍ତାରେ ଅଧିକ ଜିନିଷ କିଣିବାକୁ ବଡ଼ ସହରଗୁଡ଼ିକୁ ଯାଉ । ଆମର ଧାରଣା ବଡ଼ ସହରରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ରୋଜଗାର ଅଧିକ । ପଞ୍ଜାବକୁ ଓଡ଼ିଶାଠାରୁ ଅଧିକ ବିତ୍ତଶାଳୀ ରାଜ୍ୟ ବୋଲି ଆମମାନଙ୍କ ଧାରଣା ଅଛି । ଅଥଚ ପାଖରେ ଚଣ୍ଡୀଗଡ଼ କିମ୍ବା ଦିଲ୍ଲୀ ଭଳି ବଡ଼ ସହର ଥାଉ ଥାଉ ଆପଣ ଏତେଦୂର ଓଡିଶା କାହିଁକି ବ୍ୟବସାୟ ପାଇଁ ଆସିଲେ ? ମୋ କଥା ଶୁଣି ଭଦ୍ରଲୋକ ହସିଲେ । କହିଲେ, ସବୁ କାରଣ ଜାଣିଲେ ଆପଣଙ୍କୁ ବାଧିବ । ତଥାପି ଆପଣ ଚାହୁଁଛନ୍ତି ଯଦି ସଂକ୍ଷେପରେ କହୁଛି, ଆଶା ଦେହକୁ ନେବେନି । ମୋ ବାପା ଆମକୁ କହିଥିଲେ ପ୍ରଥମରେ ଯେଉଁଠି ଲୋକ ଦିନରେ ଶୁଅନ୍ତି ଓ ଦ୍ୱିତୀୟରେ ଯେଉଁଠି ଲୋକମାନେ ଆଜନ୍ମ ଦୁଃଖୀ ଥାନ୍ତି ସେ ଜାଗାରେ ବ୍ୟବସାୟ କଲେ ଶୀଘ୍ର ସଫଳତା ପାଇବୁ । ଆଉ ଅଧିକ କିଛି କହିବିନି ଆପଣ ବୁଝିଯାଆନ୍ତୁ । ମୁଁ କହିଲି, ହଁ ପ୍ରଥମଟି ବୁଝିପାରିଲି ହେଲେ ଆମେ ସବୁ ଆଜନ୍ମ ଦୁଃଖୀ ବୋଲି ଆପଣ କେମିତି ଭାବିଲେ ? ଭଦ୍ରଲୋକ କଥା ବୁଲେଇ 'ମୁଁ କ'ଣ କରୁଛି', 'ଆଉ ସବୁ କେମିତି ଚାଲିଛି' ବୋଲି ପ୍ରଶ୍ନ ପଚାରି ମୋର ଅସଲ ଜିଜ୍ଞାସାକୁ ଆଡେଇ ଯାଉଥାନ୍ତି। କିଛି ସମୟର ଭଲ ମନ୍ଦ ବୁଝିବା ପରେ ମୁଁ ସୁଯୋଗ ଦେଖି ପୁଣିଥରେ ମୋ' ପ୍ରଶ୍ନ ଦୋହରାଇଲି । ଏଥର ମୋ ମୁହଁକୁ ଚାହିଁ କହିଲେ, ସତରେ କ'ଣ ଆପଣ ଏ ପର୍ଯ୍ୟନ୍ତ ବୁଝିପାରିଲେ ନାହିଁ ? ମୁଁ ଅତି ନିରୀହ ଭାବେ କହିଲି, ନା ବୁଝିପାରୁନି । ହଉ ତେବେ ଶୁଣନ୍ତୁ । ଏଇ ଆପଣଙ୍କୁ ପଚାରୁଥିଲି କେମିତି ଅଛନ୍ତି, କ'ଣ କରନ୍ତି, ବ୍ୟବସାୟ କେମିତି ଚାଲିଛି ଇତ୍ୟାଦି । ଆପଣ କହିଲେ ହଁ ଭଲ । ବ୍ୟବସାୟ ଠିକ୍‌ଠାକ୍ । ଦୁଃଖ କରୁଥିଲେ, ଆଗ ଭଳି ଆଉ ଲାଭ ନାହିଁ ଏବେ କମ୍ପିଟେଶନ ଅଧିକ । ବାସ୍ ଚାଲିଛି ଇତ୍ୟାଦି । ମୁଁ କହିଲି , ହଁ ଠିକ୍ ତ । ଏଥିରେ ପୁଣି ବୁଝିବାରେ ଅସୁବିଧା କ'ଣ ! ସୌଜନ୍ୟରେ ଏମିତି ସବୁ କୁହାଯାଏ । ଏଥର ଭଦ୍ରବ୍ୟକ୍ତି ଜଣଙ୍କ ହସିଲେ । କହିଲେ ଏହା ସୌଜନ୍ୟ ନୁହେଁ, ମାନସିକତା । ମୁଁ ଏଠି ରହିବାର ଅନେକ ବର୍ଷ ହୋଇଗଲାଣି କିନ୍ତୁ କ୍ୱଚିତ ଏପରି କାହା ସହ ଭେଟ ହୋଇଛି, ଯାହାକୁ କିପରି ଅଛନ୍ତି ପଚାରିଲେ ଉତ୍ତର ମିଳିବ ଫାଷ୍ଟ କ୍ଲାସ୍ । ବହୁତ ଖୁସିରେ । ଗତକାଲି ଅପେକ୍ଷା ଆଜି ଅଧିକ ଖୁସିରେ ଅଛି । ବରଂ ହଁ, ଭାଇ ସେମିତି ସୁଖେ ଦୁଃଖେ ଚାଲିଛି ନଚେତ କୁନ୍ଥେଇକି କହିବେ ଭଲ ଅଛି ବା ଗାଡ଼ି ଧକେଇ ଧକେଇ ଚାଲିଛି। ଯଦି ସାମ୍ନାବାଲାଠାରୁ ଆପଣଙ୍କୁ କୌଣସି ଅର୍ଥ ହାନିର ସମ୍ଭାବନା ନାହିଁ କି ଈର୍ଷାନ୍ୱିତ ହେବାର ନାହିଁ ତେବେ ଆନନ୍ଦରେ ଅଛି ବୋଲି କହିବାରେ କିଛି ଅସୁବିଧା ଅଛି କି ? ଏବେ କୁହନ୍ତୁ, ଏହାକୁ ଆପଣ ଔପଚାରିକତା କହିବେ ନା ମାନସିକତା ? ଯଦି କହିଲିଣି ତେବେ କହିଦେଉଛି ଦିନରେ ଶୋଇବା




ଅଭ୍ୟାସ ଯେତେ ଓଡ଼ିଶାରେ ଦେଖିଛି ସେତେ ଅନ୍ୟ କୌଣସି ବିକଶିତ ରାଜ୍ୟରେ ଦେଖିନି । ସେଥିପାଇଁ ମୁଁ ଏଇଠି ବ୍ୟବସାୟ କରୁଛି । ବିଶ୍ୱାସ କରନ୍ତୁ ପଞ୍ଜାବରେ ଥିବା ଅନ୍ୟ ଦୁଇ ଭାଇଙ୍କଠାରୁ ମୁଁ ଅଧିକ ରୋଜଗାର କରୁଛି । ଓଡ଼ିଶାରେ ମୋ ପରିବାର ବେଶ୍ ଆନନ୍ଦରେ ଅଛନ୍ତି । ମୋ ପିଲାମାନେ ଦାମୀ ସ୍କୁଲରେ ପଢୁଛନ୍ତି । ପତ୍ନୀ ଏଠି ଘର ପାଖରେ ଏକ ବ୍ୟବସାୟ ସଂସ୍ଥା ଖୋଲି ନିଜ ଖର୍ଚ୍ଚ ସହ ଘର ଖର୍ଚ୍ଚରେ ସାହାଯ୍ୟ କରୁଛନ୍ତି । ଗାଁରେ ଘର ତୋଳୁଛି । ମୁଁ ଏଠି ଯେଉଁ ବଜାରରେ ଦୋକାନ କରିଛି ସେଠାରେ ଖରାବେଳେ ଷାଠିଏ ଭାଗ ଦୋକାନ ବନ୍ଦ । ଦିନରେ ତିନିଘଣ୍ଟା ଦୋକାନ ବନ୍ଦ କରି ରାତି ଦଶଟା ଯାଏଁ ଦୋକାନ ଖୋଲିବା ଏଠି ଦେଖୁଛି । ପରିବାର ସହ ସମୟ କାଟିବାର ମହତ୍ତ୍ୱ ପ୍ରାୟ ମୋ ବ୍ୟବସାୟୀ ବନ୍ଧୁମାନେ ଜାଣନ୍ତି ନାହିଁ । ଏତେ ସମୟ ଧରି ତାଙ୍କ କଥା ଧୈର୍ଯ୍ୟର ସହ ଶୁଣିଲାପରେ ମୁଁ କହିଲି ସୌଜନ୍ୟ ଦୃଷ୍ଟିରୁ ପଚରା ଯାଉଥିବା ଆପଣ କେମିତି ଅଛନ୍ତିର ଉତ୍ତରରେ ଅନ୍ୟ ଜଣେ ସୌଜନ୍ୟ ଦେଖେଇ ଉତ୍ତର ଦିଏ ଠିକ୍ ଅଛି । ଥରେ ଭାବନ୍ତୁ ଯଦି ଆପଣ କାହାକୁ ପଚାରିବେ କେମିତି ଅଛନ୍ତି ଓ ତାହାର ଉତ୍ତରରେ ଜଣେ ନିଜର ଦୁଃଖ ଓ ଅସୁବିଧା କଥା ଆପଣଙ୍କୁ ଶୁଣେଇବ, ତେବେ ଅନ୍ୟ କାହାକୁ କିପରି ଅଛନ୍ତି ପଚାରିବା ପୂର୍ବରୁ ଦୁଇଥର ଚିନ୍ତା କରିବେ । ଆଜିର ତାରିଖରେ କେହିବି ଠିକ୍ ନାହାନ୍ତି । ଏହା ପଚାରିବା ଲୋକ ଜାଣିଛି ଓ ଉତ୍ତର ଦେବା ଲୋକ ଜାଣିଛି । କେବଳ ସୌଜନ୍ୟ ଦୃଷ୍ଟିରୁ ଭଲରେ ଅଛି କୁହାଯାଉଛି । କାରଣ ଅନ୍ୟର ଦୁଃଖ କଥା ଶୁଣିବାକୁ ଆଜି କାହା ପାଖରେ ଧୈର୍ଯ୍ୟ ଅଛି ନା ସମୟ । ହୁଏତ ଏମିତି ହୋଇପାରେ ଆମେ ଅନ୍ୟର ଦୁଃଖ ଶୁଣିବାକୁ ଭଲପାଉନା । ବରଂ ନିଜର ପ୍ରାୟୋଜିତ, କଳ୍ପିତ ଦୁଃଖକୁ ସାମ୍ନା ଲୋକଟିକୁ ଶୁଣେଇ ଆମେ ନିଜକୁ ବିଚରା କହିବାରେ ଆତ୍ମପ୍ରସାଦ ଲାଭ କରିଥାଉ। ଆମର ଏଠାକାର ବାପା ପିଲାଙ୍କୁ କୁହନ୍ତି ଭଲ ପଢ଼, ବେଶି ପଢ଼ିଲେ ଅଧିକ ଜ୍ଞାନ ହେବ । ଅଧିକ ଜ୍ଞାନୀ ହେଲେ ବଡ଼ ଚାକିରି କରିବୁ । ଏହା କେବଳ ଓଡ଼ିଶାରେ ନୁହେଁ ପୂର୍ବ ଭାରତର ପ୍ରମୁଖ ତିନି ରାଜ୍ୟର ଏଇ ଅବସ୍ଥା । ଏଠି ବାହାର ରାଜ୍ୟରୁ ଆସି କାରଖାନା କରିବେ। ଏଠାକାର ଜ୍ଞାନୀ ପିଲାମାନେ ତାଙ୍କ ପାଖରେ ଚାକିରି କରି କୃତ୍ୟ କୃତ୍ୟ । ଛାଡ଼ନ୍ତୁ ଅଧିକ କହି ଆପଣଙ୍କୁ ନ୍ୟୂନ ଦେଖେଇବାର ଅଭିପ୍ରାୟ ମୋର ନାହିଁ । ଆପଣ ଜାଣିବା ପାଇଁ ବାଧ କଲେ ବୋଲି ଏତକ କହିଲି । ମୁଁ ତାଙ୍କଠାରୁ ମୁହଁ ଫେରେଇ ଭାବିବାକୁ ଲାଗିଲି। ସତେତ ଅତି ସାଧାରଣ ଦୃଶ୍ୟ ମନେହେଉଥିବା ଆମ ଆଚରଣ ଆମ ସଫଳତାକୁ କିପରି ପ୍ରଭାବିତ କରୁଛି । ମୁଁ ନିଜେ ଜଣେ ବ୍ୟବସାୟୀ ଭାବେ ଏ ସବୁ କଥାକୁ ବେଶ୍ ହୃଦୟଙ୍ଗମ କରୁଛି।

ଦିଲ୍ଲୀ ପହଞ୍ଚିବାରେ ଏବେ ଆହୁରି ଅନେକ ସମୟ ବାକି ଅଛି । ସିଟ୍‌ର ପିଠି ଆଉଜାକୁ ପଛକୁ ନେଇ ଆରାମରେ ନିଜକୁ ଲମ୍ବେଇଇଦେଲି । ଆଖି ବନ୍ଦକରି ସଦ୍ୟ ଭଦ୍ରବ୍ୟକ୍ତିଙ୍କଠାରୁ ଶୁଣିଥିବା କଟୁ ସତ୍ୟକୁ ଆହୁରି ଥରେ ଭାବିବାକୁ ଲାଗିଲି । ଆମ ଜୀବନଶୈଳୀ ଓ ବ୍ୟବହାରିକ ମାନସିକତାକୁ କେତେ ନିଖୁଣ ଭାବେ ଅନୁଧ୍ୟାନ କରିଛନ୍ତି ସତରେ । ବୋଧେ ସେଇଥିପାଇଁ ପଞ୍ଜାବରେ ଥିବା ତାଙ୍କ ଅନ୍ୟ ଦୁଇ ଭାଇଙ୍କଠାରୁ ସେ ଅଧିକ ସଫଳ । ଆମ ଚାକିରି ମାନସିକତା ଏବେକାର ନୁହେଁ, ଚଉଦ ପୁରୁଷ ଧରି ଏ ମାନସିକତା ଆମ ଭିତରେ ବିକଶିତ ହେଇଛି। ମୋଗଲଙ୍କ ଭଳି ବାହାର ନୃଶଂସ ଲୁଟେରା ଶତ୍ରୁମାନେ ଉତ୍ତର ପଶ୍ଚିମ ଦିଗରୁ ଭାରତ ପ୍ରବେଶ କଲାବେଳେ ସେଠାରେ ପ୍ରବଳ ବିରୋଧର ସାମ୍ନା କଲେ । ପୁରୁଷ ପୁରୁଷ ଧରି ଏପରି ବାହ୍ୟ ଅନୁପ୍ରବେଶକାରୀଙ୍କ ଆକ୍ରମଣ ଯୋଗୁ ଲୋକମାନେ କ୍ରମେ ଲଢୁଆ ଓ ନିଜକୁ ଶକ୍ତ କରିବାରେ ଅଧିକ ଧ୍ୟାନ ଦେଲେ । ପର୍ତ୍ତୁଗୀଜ୍, ଫ୍ରେଞ୍ଚ୍, ପାର୍ସୀଙ୍କ ଭଳି ବ୍ୟବସାୟୀମାନେ ଭାରତ ପ୍ରବେଶ କଲାପରେ ନିଜ ବିପଣିର ବିକ୍ରୟ ପାଇଁ ନୂଆ ନୂଆ ବଜାର ବସେଇଲେ । ବଜାରକୁ ବଢ଼େଇବା ପାଇଁ ସ୍ଥାନୀୟ ଲୋକଙ୍କୁ ସେମାନଙ୍କ ସହ ମିଶି ସେଠାରେ ବ୍ୟବସାୟ କରିବାକୁ ଉତ୍ସାହିତ କଲେ । ତେଣୁ ପୁରୁଷାନୁକ୍ରମେ ସେଠାରେ ବାଣିଜ୍ୟିକ ମାନସିକତା ଲୋକଙ୍କ ଭିତରେ ବୃଦ୍ଧି ପାଇଲା। ସେପଟେ ଫ୍ରେଞ୍ଚ୍‌ମାନେ ଦକ୍ଷିଣ ପୂର୍ବ ଦିଗରେ ନିଜର ବ୍ୟବସାୟ ବିସ୍ତାର କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରଯୁକ୍ତି ଓ ବିଜ୍ଞାନ ବିଦ୍ୟାରେ ଶିକ୍ଷିତ କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବାହାରକୁ ରପ୍ତାନି କଲେ । କିନ୍ତୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଭଳି ବିସ୍ତାରବାଦୀ ମୁନାଫାଖୋର ବ୍ୟବସାୟୀ ପୂର୍ବ ଭାରତ ପଟେ ଭାରତକୁ ପ୍ରବେଶ କଲେ। ନିଜର ବ୍ୟବସାୟ କାମରେ ସାହାଯ୍ୟ ଓ ସ୍ଥାନୀୟ ଲୋକଙ୍କ ଶ୍ରଦ୍ଧାଭାଜନ ପାଇଁ ଅଧିକରୁ ଅଧିକ ଚାକିରି ନିଯୁକ୍ତି ସୃଷ୍ଟି କଲେ। ମାଲିକ ହୋଇ ବ୍ୟବସାୟ କରିବା ଅପେକ୍ଷା ଚାକିରି କରିବାରେ ଅଧିକ ତୃପ୍ତି ଓ ଶାନ୍ତି ବୋଲି ବୁଝେଇବାରେ ସଫଳ ହେଲେ। ସହଜ ରୋଜଗାର ଓ ମାଲିକ ହୋଇ ଅଧିକ ଝମେଲା ନେବା ଅପେକ୍ଷା ଚାକିରି ଅଧିକ ଆରାମଦାୟକ ବୋଲି ସ୍ଥାନୀୟ ଲୋକଙ୍କୁ ବୁଝେଇଦେଲେ । କାଳକ୍ରମେ ପୂର୍ବ ଭାରତର ପ୍ରମୁଖ ରାଜ୍ୟ ଯଥା ଓଡ଼ିଶା, ବେଙ୍ଗଲ ଓ ଆସାମରେ ଚାକିରି ମାନସିକତା ବୃଦ୍ଧି ପାଇଲା । ପାଠ ପଢି ଆମେ ଚାକିରି କରିବୁ ଭଳି ମାନସିକତା ଆଜି ବି ଦେଖିବାକୁ ମିଳେ । ଆଜିବି ଏସବୁ ରାଜ୍ୟରେ ପ୍ରମୁଖ ଶିଳ୍ପ ବାହାର ରାଜ୍ୟରୁ ଆସିଥିବା ବିସ୍ତାରବାଦୀ ମୁନାଫାଖୋରଙ୍କ ଦ୍ୱାରା ସ୍ଥାପିତ । ଏସବୁ ରାଜ୍ୟର ଅଧିକ ପାଠ ପଢିଥିବା ବିଦ୍ୱାନ୍‌ମାନେ ସେଠାରେ ଚାକିରି ପାଇ ନିଜକୁ ଧନ୍ୟ ଭାବନ୍ତି।

*–ବନମାଳୀ ଭବନ, ଖାନ୍‌ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଭାଇ

**ସଂକଳନ ଓ ସମ୍ପାଦନା–**
**କାଳୀପଦ ପଣ୍ଡା, ସୁବର୍ଣ୍ଣଶ୍ରୀ ପ୍ରକାଶିନୀ**
**ବାଲେଶ୍ୱର, ମୂଲ୍ୟ–୨୩୦ଟଙ୍କା**

**ଭା**ଇ ସଂକଳନରେ ୯୬ଟି ଭିନ୍ନ ଧରଣର ଲେଖା ପ୍ରକାଶିତ ହୋଇଛି। ପୁରାଣ ଓ ମହାଭାରତ ଯୁଗରୁ ଜଣେ ଭାଇ ପ୍ରତି ଆଉ ଜଣେ ଭାଇର ତ୍ୟାଗ ଓ ବଳିଦାନର କଥା ଆମେ ଶୁଣିଥାଉ। ଭାଇ କେବେ ହୁଏତ ଭାଇର ଶତ୍ରୁ ଭାବେ ଉଭା ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଅନୁତାପରେ ଦଗ୍ଧୀଭୂତ ହୋଇଛି। ଭ୍ରାତୃତ୍ୱ ସଦାବେଳେ ଅତୁଟ ଓ ଅଭିନ୍ନ । ଭ୍ରାତୃତ୍ୱର ପରାକାଷ୍ଠା ବର୍ଣ୍ଣନା କରିବା କାହାପକ୍ଷେ ସମ୍ଭବ ନୁହେଁ । ପୁସ୍ତକରେ ସ୍ଥାନୀତ ବିଷୟ ଉଚ୍ଚକୋଟିର ଓ ଶିକ୍ଷଣୀୟ । ଆଶା ପୁସ୍ତକଟିର ଭବିଷ୍ୟତ ଉଜ୍ଜ୍ୱଳ।




### କବିତା ଗ୍ରନ୍ଥ

**ସୀମାଞ୍ଚଳ ପଣ୍ଡା**
**ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ**
**ବ୍ରହ୍ମପୁର, ମୂଲ୍ୟ– ୬୦୦ଟଙ୍କା**


**ସୀ**ମାଞ୍ଚଳ ପଣ୍ଡାଙ୍କ ଏକ ହଜାର ଏକ କବିତାର ସମାହାର କବିତା ଗ୍ରନ୍ଥ ପ୍ରକାଶିତ ହୋଇଛି। ଦଶ ଭାଗରେ ବିଭକ୍ତ ହୋଇଥିବା କବିତାଗୁଡିକ ବିଭିନ୍ନ ବିଭାଗକୁ ଛୁଇଁଛି। କବିତା ରଚନାର ନୂତନ ଶୈଳୀ, ଦ୍ୱିବିଧ ପଦ ସମାହାରର ଅଭିନବ ପଞ୍ଚପଦୀ କବିତା କୌଶଳ ବେଶ୍ ପ୍ରଶଂସନୀୟ। ଏଥିରେ ପ୍ରଥମ, ତୃତୀୟ ଓ ପଞ୍ଚମ ପଦ ଦୁଇ ପାଦୀ ବିଶିଷ୍ଟ, ଦ୍ୱିତୀୟ ଏବଂ ଚତୁର୍ଥ ପଦ ଚାରି ପାଦୀ ବିଶିଷ୍ଟ । ପୁସ୍ତକରେ ସନ୍ନିବେଶିତ ସଜଳଗୁଡିକ ଉଚ୍ଚକୋଟିର ଓ ସୁଖପାଠ୍ୟ। ଅଶା ପାଠକୀୟତା ଲାଭ କରିବ ଏଥିରେ ସନ୍ଦେହ ନାହିଁ।




### କଥାକାହାଣୀରେ ଶ୍ରୀ ଜଗନ୍ନାଥ

**ବିରଞ୍ଚି ନାରାୟଣ ପାଣିଗ୍ରାହୀ**
**କାବ୍ୟଲୋକ, ଗ୍ୟାରେଜ ଛକ, ଭୁବନେଶ୍ୱର**
**ମୂଲ୍ୟ–୨୫୦ଟଙ୍କା**

**କ**ଥାକାହାଣୀରେ ଶ୍ରୀ ଜଗନ୍ନାଥ ପୁସ୍ତକର ଲେଖକ ବିରଞ୍ଚି ନାରାୟଣ ପାଣିଗ୍ରାହୀ । ପୁସ୍ତକଟିରେ ଶ୍ରୀ ଜଗନ୍ନାଥଙ୍କର ଅନେକ ଅଜ୍ଞାତ ବିଷୟରେ ବର୍ଣ୍ଣନା କରାଯାଇଛି । ଯାହା ଅତ୍ୟନ୍ତ ଉପଯୋଗୀ ଓ ସୁଖପାଠ୍ୟ। ପୁସ୍ତକଟିରେ ଭକ୍ତ ଓ ଭଗବାନଙ୍କ ନିବିଡ ସମ୍ପର୍କକୁ ନେଇ ଅନେକ କଥା ଓ କାହାଣୀ ରହିଛି। ତା'ସହ ବଡ଼ ଠାକୁରଙ୍କ ସମ୍ପର୍କରେ ଅନେକ ଅଜଣା ଅଶୁଣା କଥା, ତାଙ୍କର ଅନନ୍ୟ ଲୀଳା ବି ଏଥିରେ ବର୍ଣ୍ଣନା କରାଯାଇଛି। ପାଠକ ନିଶ୍ଚୟ ବହିଟିକୁ ପଢିବେ ଓ ଜଗନ୍ନାଥଙ୍କ ସମ୍ପର୍କରେ ଜାଣି ନିଜକୁ ଧନ୍ୟ ମନେ କରିବେ । ପୁସ୍ତକର ଭବିଷ୍ୟତ ଉଜ୍ଜ୍ୱଳ।



# ହିଟର୍ ଥିବା ଜ୍ୟାକେଟ୍



**ଶୀ**ତ ଆସିଲେ ଲୋଡା ପଡେ ଶୀତବସ୍ତ୍ର। ତା'ସହ କେହି କେହି ଘରେ ରୁମ୍ ହିଟର୍ ବି ଲଗାଇଥା'ନ୍ତି। ଏହି ଶୀତରେ ଯଦି ଆପଣ ଶୀତବସ୍ତ୍ର କି ରୁମ୍ ହିଟର୍ କିଣିବାକୁ ଚାହୁଁଛନ୍ତି ତେବେ ଏକ ଭଲ ଖବର ଅଛି। ଅଳ୍ପ ଖର୍ଚ୍ଚରେ ଆପଣ ଏହି ଦୁଇଟିଯାକ ଜିନିଷକୁ ଉପଭୋଗ କରିପାରିବେ। ସେପୁଣି ଗୋଟିଏ ଜିନିଷରେ। କାରଣ ବଜାରକୁ ଖୁବ୍ ଶୀଘ୍ର ଆସୁଛି ହିଟିଂ ଜ୍ୟାକେଟ୍। ଏହି ଜ୍ୟାକେଟ୍‌ର ସ୍ୱତନ୍ତ୍ରତା ହେଉଛି ଯେ, ଏହା ମଧ୍ୟରେ ହିଟର୍ ଫିଟ୍ ହୋଇଛି। କେବଳ ଏକ ବଟନ୍ ଦବାଇବାମାତ୍ରେ ଥୁରୁଥୁରୁ ଶୀତରେ ବି ଉଷ୍ମତା ପାଇପାରିବେ। ଉକ୍ତ ଜ୍ୟାକେଟ୍‌ରେ ୫ଟି ଅଲଗା ଅଲଗା ହିଟିଂ ଜୋନ୍ ରହିଛି। ବଟନ୍ ଦବାଇବାମାତ୍ରେ ଏହାମଧ୍ୟସ୍ଥ ହିଟିଂ ଏଲିମେଣ୍ଟ ଅନ୍ ହୋଇଯାଏ, ଯାହା ପୁରା ଶରୀରକୁ ଉଷ୍ମତା ପ୍ରଦାନ କରିଥାଏ। ତାପମାତ୍ରାକୁ ନିୟନ୍ତ୍ରଣ କରିବା ଲାଗି ତିନିଟି ଲେବଲ୍ ରହିଛି, ଯାହାକି ବଟନ୍ ମାଧ୍ୟମରେ ସେଟ୍ ହୋଇଥାଏ। ତେଣୁ ମୋଟା ମୋଟା ଗରମ ପୋଷାକ ନ ପିନ୍ଧି ବି କେବଳ ଏହି ଜ୍ୟାକେଟ୍‌କୁ ପିନ୍ଧିଲେ ଉଷ୍ମତା ପାଇପାରିବେ। ଜ୍ୟାକେଟ୍‌କୁ ସଫା କରିବାକୁ ଚାହୁଁଥିଲେ ପ୍ରଥମେ ଜ୍ୟାକେଟ୍‌ରେ ଥିବା ହିଟିଂ ଏଲିମେଣ୍ଟକୁ ବାହାର କରିବାକୁ ହେବ। ଏହି ଜ୍ୟାକେଟ୍ ଦୋକାନରେ ଉପଲବ୍ଧ ହେବ ନାହିଁ। ଏହାକୁ ଅନ୍‌ଲାଇନ୍ ଅର୍ଡର କରିହେବ। 'ୟାଇଏର୍‌ଜି ହିଟେଡ୍ ଭେଷ୍ଟ' ନାମକ ଏହି ଜ୍ୟାକେଟ୍ ଆମାଜନ୍ ଶପିଂ ପ୍ଲାଟଫର୍ମରେ ମିଳିଯିବ।



# କାଗଜ କାରିଗରୀ

**କା**ଗଜ ତିଆରି ବିଭିନ୍ନ ପ୍ରକାରର କାରିଗରୀ ରହିଛି। ସେଥିମଧ୍ୟରେ ଏଇ କାରିଗରୀ କିଛି ଭିନ୍ନ ଓ ସ୍ୱତନ୍ତ୍ର। ପେପର୍ କ୍ୱିଲିଂ ନାମରେ ପରିଚିତ ଏହି କଳାରେ କାଗଜକୁ ସରୁ ସରୁ ଲମ୍ବା ପଟି ଆକାରରେ କାଟାଯାଇଥାଏ। ସେହି ଲମ୍ବା କାଗଜ ପଟିକୁ ମୋଡି ମୋଡି ତାକୁ ଗୋଲାକାର କରି ସେଥିରେ ବିଭିନ୍ନ କଳାକୃତୀ ଗଢାଯାଇଥାଏ। ବୁଲଗେରିଆ, ଭର୍ନାର ପେପର୍ ଆର୍ଟିଷ୍ଟ ଗେର୍ଗେନା ପେଞ୍ଚେଭା ପେପର୍‌ର ଏହି କଳାକୃତୀରେ ଫୁଲ, ପଶୁପକ୍ଷୀଙ୍କଠାରୁ ଆରମ୍ଭ କରି ମୋନୋଗ୍ରାମ, ସାଇକେଲ, ବିଭିନ୍ନ ଦେଶ ଆଦି ତିଆରି କରିଛନ୍ତି। ଆଉ ସେସବୁ ଏତେ ସୁନ୍ଦର ହୋଇଛି ଯେ, ସୋସିଆଲ ମିଡିଆରେ ସେଗୁଡିକୁ ବେଶ୍ ପସନ୍ଦ କରାଯାଉଛି। ତେବେ ଏହି ଆର୍ଟ କରିବା ପଛର କାରଣ ହେଉଛି ଗେର୍ଗେନା ୟୁନିଭର୍ସିଟିର ଏକ ଆସାଇନ୍‌ମେଣ୍ଟ ପାଇଁ ସୁନ୍ଦର ଲେଟର୍ ତିଆରି କରିବାକୁ ଚାହୁଁଥିଲେ। ଅନେକ ଭାବିବା ପରେ ସେ ଏହି କଳାକୁ ଆପଣେଇଥିଲେ। ଆଉ ଆସାଇନ୍‌ମେଣ୍ଟ ପୁରା କରିବାପରେ ବି ସେ ଏହି କାରିଗରୀ କରିବା ଜାରି ରଖି ନାନା ପ୍ରକାରର ଆକର୍ଷକ ପେପର୍ କ୍ୱିଲିଂ ଆର୍ଟ ତିଆରି କଲେ।




# ସ୍ପୋର୍ଟସ୍ କାରଠୁ ବି ଫାଷ୍ଟ୍ ଏଇ ଟ୍ରାକ୍ଟର

**ଚା**ଷୀର ସାଥୀ ଟ୍ରାକ୍ଟର। କେବଳ ଚାଷରେ ଯେ ଏହା ସାହାଯ୍ୟ କରେ ତାହା ନୁହେଁ ବରଂ ଭାରି ଜିନିଷ ନେବା ଆଣିବାରେ ବି ଏହାକୁ ବ୍ୟବହାର କରାଯାଏ। ଏଇ ଟ୍ରାକ୍ଟର କିନ୍ତୁ ଦ୍ରୁତ ଗତିରେ ଯାଇପାରି ନ ଥାଏ। ବହୁତ ଧୀର ଗତିରେ ଯାଏ। ହେଲେ ଏବେ ଆସିଛି ଏମିତି ଏକ ଟ୍ରାକ୍ଟର ଯାହା ଏତେ ଦ୍ରୁତଗତିରେ ଯାଏ ଯେ, କୌଣସି ସ୍ପୋର୍ଟସ୍ କାର୍ ବି ଏତେ ଦ୍ରୁତ ଗତିରେ ଯାଇପାରିବ ନାହିଁ। ଟ୍ରାକ୍ଟର ନିର୍ମାଣକାରୀ କମ୍ପାନୀ ଜେସିବି ପୃଥିବୀର ଏହି ଦ୍ରୁତତମ ଟ୍ରାକ୍ଟରକୁ ତିଆରି କରିଛନ୍ତି। ଏହାର ଟପ୍ ସ୍ପିଡ୍ ଘଣ୍ଟା ପ୍ରତି ୨୪୭ କି.ମି.। କମ୍ପାନୀ ଗିନିଜ ୱାର୍ଲଡ ରେକର୍ଡସରେ ନିଜ ଟ୍ରାକ୍ଟରକୁ ସବୁଠାରୁ ଦ୍ରୁତତମ ଭାବେ ସ୍ଥାନିତ କରିବାକୁ ଚାହୁଁଥିଲେ। ତେଣୁ ଏଭଳି ଏକ ଟ୍ରାକ୍ଟର ନିର୍ମାଣ କରିଥିଲେ। ୨୦୧୯ ଏହାର ଟେଷ୍ଟ କରାଯାଇଥିଲା। ଟ୍ରାକ୍ଟରଟି ୨ କି.ମି ଯାତ୍ରା କରିଥିଲା। ଯେଉଁଥିରେ ଏହାର ହାରାହାରି ଗତି ଘଣ୍ଟାପ୍ରତି ୨୧୭ କି.ମି. ଓ ସର୍ବାଧିକ ଗତି ଘଣ୍ଟାପ୍ରତି ୨୪୭ କି.ମି. ଥିଲା। ଏହି ଟ୍ରାକ୍ଟରରେ ୭.୨ ଲିଟର, ୬ ସିଲିଣ୍ଡର ବିଶିଷ୍ଟ ଡିଜେଲ ମ୍ୟାକ୍ସ ଇଞ୍ଜିନ ଅଛି। ଏହାର ପିକ୍ ପାୱାର ୧୦୧୬ ହର୍ଷ ପାୱାର। ଏହା ଏତେ ଦ୍ରୁତଗତିରେ ଯାଉଥିଲେ ହେଁ ଏହାର ଓଜନ କିଛି କମ୍ ନୁହେଁ। ୫ ଟନ୍ ହେଉଛି ଏହାର ଓଜନ। ଜେସିବିର ଚିଫ୍ ଇନୋଭେସନ୍ ଓ ଗ୍ରୋଥ ଅଫିସର ଟିମ୍ ବର୍ନହୋପ କୁହନ୍ତି, ଏତେ ଭାରି ଟ୍ରାକ୍ଟରକୁ ସୁରକ୍ଷିତଭାବେ ଟପ୍ ସ୍ପିଡ୍ ପର୍ଯ୍ୟନ୍ତ ପହଞ୍ଚାଇବା ଓ ପୁଣିଥରେ ତା'ର ସ୍ପିଡକୁ କମାଇବା ସହଜ କଥା ନୁହେଁ। ତଥାପି ଏହାକୁ ସମ୍ଭବ କରି ଦେଖେଇବା ସହ ୱାର୍ଲଡ ରେକର୍ଡ କରିପାରି ଥିବାରୁ ବହୁତ ଖୁସି ଲାଗେ।'